୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍यवेक्षक

Vol.27. No.84 Bhubaneswar Saturday May 10 2025 | ୨୭ତମ ବର୍ଷ ସଂଖ୍ୟା–୮୪ ଭୁବନେଶ୍ୱର, ଶନିବାର, ମଇ ୧୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଜଳପଥରେ ଚେକିଂ କଡ଼ାକଡ଼ି

ଭୁବନେଶ୍ୱର,୯।୫(ପି.ଏନ): ଭାରତ ପାକିସ୍ତାନ ଯୁଦ୍ଧ ଭିତରେ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଜଳପଥରେ ଚେକିଂ କଡ଼ାକଡ଼ି । ଏହାସହ ସୀମାବର୍ତ୍ତୀ ଅଞ୍ଚଳବାସୀଙ୍କୁ ସଜାଗ କରାଉଛି ପୋଲିସ । ଭାରତ ଆତଙ୍କୀ ଉପରେ ପ୍ରତିଶୋଧ ନେଉଥିବା ବେଳେ ଭାରତର ବିଭିନ୍ନ ସୀମାବର୍ତ୍ତୀ ରାଜ୍ୟ ସୀମାରେ ଚେକିଂ କଡ଼ାକଡି କରାଯାଇଛି । ବାଲେଶ୍ୱର ଜିଲ୍ଲା ପଶ୍ଚିମବଙ୍ଗକୁ ଲାଗିରହିଥିବା ବଙ୍ଗୋପସାଗର କୂଳ ଭୋଗରାଇର ଉଦୟପୁର ଓ ତାଳସାରୀ ଜଳପଥରେ ମେରାଇନ ପୋଲିସ, ମତ୍ସ୍ୟ ବିଭାଗ ଓ ଇଣ୍ଡିଆନ ନୌସେନା ଅଧିକାରୀ ଲୋକଙ୍କୁ ସଚେତନ କରାଉଛନ୍ତି । ବଙ୍ଗୋପସାଗରକୁ ଲାଗି ରହିଥିବା



ଭୋଗରାଇର ଉଦୟପୁର, ତାଳସାରୀ, ବିଚ୍ଛିତ୍ରପୁର କୀର୍ତ୍ତନିଆ ଆଦି ଜଳପଥରେ ବୋର୍ଟ ଯୋଗେ ପାଟ୍ରୋଲିଂ କରାଯାଉଛି । କିନ୍ତୁ ସକାଳ କିଛି ସମୟ ଧରି ପୋଲିସ ଓ ଅନ୍ୟାନ୍ୟ ବିଭାଗ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଡ୍ୟୁଟି କରୁଥିଲା ବେଳେ ଅନ୍ୟ ସମୟରେ କାହାର ଦେଖାନଥିବା ଅଭିଯୋଗ ହେଉଛି।

## ଭାରତ-ପାକିସ୍ତାନ ଉତ୍ତେଜନା ପ୍ରସଙ୍ଗ : ପୁରୀ ସହ ତଟବର୍ତ୍ତୀ ଅଞ୍ଚଳରେ ହାଇଆଲର୍ଟ

ଭୁବନେଶ୍ୱର,୯।୫(ପି.ଏନ) ଭାରତ-ପାକିସ୍ତାନ ଉତ୍ତେଜନା ପ୍ରସଙ୍ଗ ନେଇ ପୁରୀରେ କଡ଼ା ସୁରକ୍ଷା । ପୋଲିସ ପକ୍ଷରୁ ରାତିରେ କଡ଼ାକଡ଼ି ଯାଞ୍ଚ ହୋଇଥିଲା । ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯିବା ସହ ଶ୍ରୀମନ୍ଦିର ଚାରିପାଖେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ନିୟୋଜିତ ହୋଇଛନ୍ତି । ସହରର ବିଭିନ୍ନ ସ୍ଥାନରେ ରାତିରେ ଚେକିଂ କଡାକଡି ହେବା ସହ ଶ୍ରୀମନ୍ଦିର ସୁରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳରେ ମଧ ହାଇ ହାଇଆଲର୍ଟ ଜାରି କରାଯାଇଛି । ପୁରୀ ସମେତ ଅନ୍ୟାନ୍ୟ ଅଞ୍ଚଳ ହାଇଆଲର୍ଟରେ



ରହିଛି । ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ସତର୍କ ରହିଛି ଓଡ଼ିଶା । ଅନ୍ୟପଟେ ଆଜି ଚାନ୍ଦିପୁରରେ ଜରୁରୀ ବୈଠକ ବସିବ । ଅପରାହ୍ନ ୨ଟାରେ ଉଜଉଙ ଚାନ୍ଦିପୁରରେ ବୈଠକ ବସିବା ନେଇ ସୂଚନା ରହିଛି । ଏହି ବୈଠକରେ ଯୁଦ୍ଧ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ନେଇ ହେବ ଆଲୋଚନା ହେବ

## ଭାରତରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ଉପଲବ୍ଧ ରହିଛି: ପ୍ରହ୍ଲାଦ ଯୋଶୀ

ନୂଆଦିଲ୍ଲୀ,୯।୫(ପି.ଏନ): ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ କାର୍ଯ୍ୟାନୁଷ୍ଠାନ କରି ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନରେ ଥିବା ନଅଟି ଆତଙ୍କବାଦୀ କ୍ୟାମ୍ପକୁ ଧ୍ୱଂସ କରିଛି ଭାରତ । ଏହାପରେ ପାକିସ୍ତାନ ବିକଳ ହୋଇ ଭାରତର ଚାରୋଟି ରାଜ୍ୟର ଅନେକ ସ୍ଥାନରେ ଡ୍ରୋନ ଆକ୍ରମଣ କରିବା ସହ ସୀମାରେ ଅସ୍ତ୍ରବିରତୀ ଉଲ୍ଲଙ୍ଘନ କରିଚାଲିଛି ଆଉ ଏହାର ପ୍ରଚଣ୍ଡ ଜବାବ ଦଉଛି ଭାରତ । ଏହି ସମୟ ଭିତରେ ଦେଶବାସୀଙ୍କୁ ବିଚଳିତ ଓ ଭୟଭୀତ ନହେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି ।ଏହି ପ୍ରରିପେକ୍ଷୀରେ ସାରା ଦେଶରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ଉପଲବ୍ଧ ଥିବା କହିଛନ୍ତି କେନ୍ଦ୍ର ଖାଦ୍ୟ ଏବଂ ଖାଉଟି ବ୍ୟାପାର ମନ୍ତ୍ରୀ । ତେଣୁ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି ।ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଆହୁରି କହିଛନ୍ତି ଯେ, "ମୁଁ ସମସ୍ତଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି ଯେ ବର୍ତ୍ତମାନ ଆମ ପାଖରେ ସାଧାରଣ ଆବଶ୍ୟକତାଠାରୁ ବହୁ ଗୁଣ ଅଧିକ ଖାଦ୍ୟ ଷ୍ଟକ୍ ରହିଛି । ଚାଉଳ, ଗହମ, କିମ୍ବା ବୁଟ, ହରଡ, ମସୁର, ମୁଗ ପରି ଡାଲି ପର୍ଯ୍ୟାପ୍ତ ପରିମାଣରେ ରହିଛି ।

## ଭାରତ ପାକିସ୍ତାନ ମଧ୍ୟରେ ଉତ୍ତେଜନା, ହୀରାକୁଦ ଡ୍ୟାମରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା



ଭୁବନେଶ୍ୱର,୯।୫(ପି.ଏନ): ଭାରତ-ପାକିସ୍ତାନ ଉତ୍ତେଜନାକୁ ନେଇ ଚାରିଆଡେ ଆଲର୍ଟ ଜାରି କରାଯାଇଛି । ଭୁବନେଶ୍ୱର ବିମାନ ବନ୍ଦର, ଚାନ୍ଦିପୁର ଘାଟି ପରେ ହୀରାକୁଦ ଜଳଭଣ୍ଡାରରେ ବଢିଲା ସୁରକ୍ଷା ।ଉଭୟ ଦେଶ ମଧ୍ୟରେ ଚାଲିଥିବା ଉତ୍ତ?ଜନାକୁ ଦୃଷ୍ଟିରେ ରଖି ସୁରକ୍ଷା କଡାକଡି କରାଯାଇଛି । ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ମଧ କଟକଣା ଜାରି କରାଯାଇଛି । ପ୍ରଶାସନ ଏବଂ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଡ୍ୟାମର ବୁର୍ଲା ଓ ହୀରାକୁଦ ଉଭୟ ପାର୍ଶ୍ୱରେ କଡାକଡି କରାଯାଇଛି ସୁରକ୍ଷା ବ୍ୟବସ୍ଥା କରାଯାଇଛି ।ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଲାଇଟ୍ ମେସିନ ଗନ ବ୍ୟବସ୍ଥା କରାଯାଇଛି। ସୁରକ୍ଷାକର୍ମୀମାନେ ଡ୍ୟାମକୁ ଜଗି ରହିଛନ୍ତି । ଜଳ ସମ୍ପଦ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଡ୍ୟାମ ଭିତରକୁ ଯିବାକୁ ବାରଣ କରାଯାଇଛି ।ଅନ୍ୟପଟେ ଉତ୍ତ?ଜନାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ସୁରକ୍ଷାକୁ ବଢାଇ ଦିଆଯାଇଛି । ପାରାଦୀପ ବନ୍ଦର ସୁରକ୍ଷା ସ୍ତର ୨କୁ ବୃଦ୍ଧି କରାଗଲା । ସୁରକ୍ଷା ସ୍ତର ବୃଦ୍ଧି ସହ ସମସ୍ତ ଜାହାଜ ଉପରେ କଡ଼ା ନଜର । ସୁରକ୍ଷାକର୍ମୀ ସଂଖ୍ୟା ବୃଦ୍ଧି, ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି ।ଭାରତ-ପାକିସ୍ତାନ ମଧ୍ୟରେ ଗତ ଦୁଇ ଦିନ ହେଲା ଉତ୍ତେଜନା ଲାଗି ରହିଛି । ଏହାକୁ ନେଇ ଅନେକ ରାର୍ଜ୍ୟକୁ ସରକାର ଆଲର୍ଟରେ ରହିବା ପାଇଁ କହିଛନ୍ତି । କେନ୍ଦ୍ରାପଡ଼ାରେ ଲାଇଟ୍ ହାଉସ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ମହାକାଳପଡ଼ା ଲାଇଟ୍‌ହାଉସ୍‌କୁ ପର୍ଯ୍ୟଟଙ୍କୁ ବାରଣ କରାଯିବା ସହିତ ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି ।

## ତୁର୍କୀ ଡ୍ରୋନରେ ଭାରତକୁ ଟାର୍ଗେଟ କରିଥିଲା ପାକିସ୍ତାନ

ଭୁବନେଶ୍ୱର,୯।୫(ପି.ଏନ): ଅପରେସନ ସିନ୍ଦୂର ସମ୍ପର୍କରେ ଅପଡେଟ ଦେବା ବେଳେ ପାକିସ୍ତାନର ମୁଖା ଖୋଲି ଦେଇଛି ଭାରତ। ଗୁରୁବାର ଭାରତକୁ ଟାର୍ଗେଟ କରିବା ପାଇଁ ପାକିସ୍ତାନ ପକ୍ଷରୁ ତୁର୍କୀର ସ୍ୱତନ୍ତ୍ର ଡ୍ରୋନକୁ ବ୍ୟବହାର କରାଯାଇଥିଲା। ଭାରତ ଅଧିକାଂଶ ଡ୍ରୋନକୁ ନଷ୍ଟ କରିବାରେ ସଫଳ ହୋଇଥିଲେ ହେଁ ପାକିସ୍ତାନ ନୂଆଦିଲ୍ଲୀର ଡିଫେନ୍ସ ସିଷ୍ଟମର ପରୀକ୍ଷା କରିବା ଓ ଗୁଇନ୍ଦା ତଥ୍ୟ ହାସଲ କରିବା ପାଇଁ ଘନଘନ ଆକ୍ରମଣ କରିଥିଲା ବୋଲି ଭାରତ ସରକାର ସ୍ପଷ୍ଟ କରିଛନ୍ତି।ବୈଦେଶିକ ମନ୍ତ୍ରଣାଳୟ ସଚିବ ବିକ୍ରମ ମିସ୍ତ୍ରି, ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ଓ କର୍ଣ୍ଣେଲ ସୋଫିୟା କ୍ୟୁରେଶି ମିଳିତ ଭାବେ ଅପରେସନ ସିନ୍ଦୂର ସମ୍ପର୍କରେ ସୂଚନା



ଦେଇଛନ୍ତି। ସେମାନେ କହିଛନ୍ତି ଯେ ମେ' ୮ ଓ ୯ ତାରିଖ ରାତିରେ ପାକିସ୍ତାନ ସେନା ଭାରତୀୟ ଆକାଶ ପଥର ଉଲ୍ଲଙ୍ଘନ ଏକାଧିକ ଥର କରିଛି। ପୂରା ପଶ୍ଚିମ ସୀମାରେ ଥିବା ଆକାଶ ପଥକୁ ଉଲ୍ଲଙ୍ଘନ କରି ପାକିସ୍ତାନ ସେନା ଭାରତର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା। ପାକିସ୍ତାନ ମିଲିଟାରୀ ଏଲଓସିରେ ମଧ ପ୍ରବଳ ଗୁଳି ମାଡ କରିଛି ।ଅନ୍ତର୍ଜାତୀୟ ସୀମା ଓ ଏଲଓସିରେ ଡ୍ରୋନ ଅନୁପ୍ରବେଶ ହୋଇଛି। ଲେହ ଠାରୁ ଆରମ୍ଭ କରି ଗୁଜରାଟର ସାର କ୍ରିକ ଯାଏ ୩୬ଟି ସ୍ଥାନରେ ୩୦୦ରୁ ୪୦୦ଟି ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲା। ଏହା ମଧ୍ୟରୁ ଅନେକକୁ ନଷ୍ଟ କରାଯାଇଛି। ଏହାର ଧ୍ୱଂସାବଶେଷକୁ ଫରେନ୍ସିକ ଯାଞ୍ଚ ପାଇଁ ପଠାଯାଇଛି। କିନ୍ତୁ ପ୍ରାଥମିକ ଭାବେ ଜଣାପଡିଛି ଯେ ପାକିସ୍ତାନ ପକ୍ଷରୁ ତୁର୍କୀ ନିର୍ମିତ 'Asisguard Songar' ଡ୍ରୋନକୁ ବ୍ୟବହାର କରାଯାଇଛି।

## ଭୁବନେଶ୍ୱର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡାକଡି

ଭୁବନେଶ୍ୱର,୯।୫(ପି.ଏନ): ଭୁବନେଶ୍ୱର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡାକଡି। ଭୁବନେଶ୍ୱରରୁ ପାଟଣା ଯିବାକୁ ଥିବା ୬ଇ୬୪୮୫ ନମ୍ବର ଫ୍ଲାଇଟକୁ ବାତିଲ କରାଯାଇଛି । ଅନ୍ୟସବୁ ଫ୍ଲାଇଟ ନିର୍ଦ୍ଧାରିତ ସମୟରେ ଉଡାଣ ଭରୁଥିବା ବେଳେ ଭୁବନେଶ୍ୱରରୁ ପାଟଣା ଫ୍ଲାଇଟ ବାତିଲ ହୋଇଛି । ବାତିଲ ହେବାର କାରଣ ନେଇ ସଠିକ ସୂଚନା ମିଳିପାରିନାହିଁ ।ସେପଟେ ବିମାନବନ୍ଦର ପୂରା ଖାଁ ଖାଁ ରହିଛି । ଶୁକ୍ରବାର ଯେଉଁଭଳି ଭିଡ ଦୃଶ୍ୟମାନ ହେବା କଥା ତାହା ଆଜି ପରିଲକ୍ଷିତ ହୋଇନାହିଁ । ସେପଟେ ଦେଶର ସବୁ ବିମାନ ବନ୍ଦରକୁ ହାଇ ଆଲର୍ଟରେ ରଖାଯାଇଥିବା ବେଳେ ଭୁବନେଶ୍ୱର ବିମାନ ବନ୍ଦରରେ ବି ସୁରକ୍ଷା ବ୍ୟବସ୍ଥାକୁ କଡାକଡି





କରାଯାଇଛି । ସନ୍ଧାନୀ କୁକୁର ସାହାଯ୍ୟରେ ତନତନ୍ କରି ଯାଞ୍ଚ କରାଯାଉଛି । ବିଭିନ୍ନ ସ୍ଥାନରେ ଉଓ୍ୱରେ ଯବାନ ମୁତୟନ ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ଦୀଘା 'ଜଗନ୍ନାଥ ଧାମ' ବିବାଦ: ଦଇତାପତି ରାମକୃଷ୍ଣଙ୍କୁ ପୁଣି ନୋଟିସ

ଭୁବନେଶ୍ୱର,୯।୫(ପି.ଏନ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ସପ୍ତାହକ ମଧ୍ୟରେ ତୃତୀୟ ନୋଟିସ୍ ଜାରି କରିଛନ୍ତି ଶ୍ରୀମନ୍ଦିର ପ୍ରଶାସନ । ଶୁକ୍ରବାର ସନ୍ଧ୍ୟାରେ ଏହି କୈଫୟତ ତଲବ ନୋଟିସ୍ ଜାରି କରି ତାଙ୍କୁ ୨ଦିନ ମଧ୍ୟରେ ନିଜର ଜବାବ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି । ଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩ଦିନ ତଳେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖି ଦୀଘା ମନ୍ଦିରର ନାମକରଣକୁ ନେଇ ଉଦବେଗ ବ୍ୟକ୍ତ କରିଥିଲେ ମଧ ମଧ ମମତା ଏନେଇ କୌଣସି ଉତ୍ତର ଦେଇନଥିବା ଜଣାପଡିଛି । ଦୀଘାରେ ଜଗନ୍ନାଥ ମନ୍ଦିର ସ୍ଥାନକୁ 'ଜଗନ୍ନାଥ ଧାମ' ଭାବେ ପଶ୍ଚିମବଙ୍ଗ ସରକାର କରିଥିବା ନାମକରଣକୁ ନେଇ ପୁରୀ ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜ ମଧ ନିଜର ଅସନ୍ତୋଷ ବ୍ୟକ୍ତ କରିସାରିଛନ୍ତି । ତେବେ ଦୀଘାରେ ଜଗନ୍ନାଥ ମନ୍ଦିର ନିର୍ମାଣ ଓ ନାମକରଣରେ ରାମକୃଷ୍ଣ ଦାସମହାପାତ୍ରଙ୍କ ଭୂମିକା ଥିବା ସନ୍ଦେହ କରାଯାଉଛି । କୋଟିକୋଟି ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେବାଭଳି କାର୍ଯ୍ୟ କରିଥିବା ପାଇଁ ରାମକୃଷ୍ଣଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ଉପରେ ପୂର୍ଣ୍ଣଚ୍ଛେଦ ପକାଇବାର ସମ୍ଭାବନା ରହିଛି ।

### ରାମକୃଷ୍ଣ ଦାସମହାପାତ୍ରଙ୍କୁ ପୁଣି ନୋଟିସ୍ କାହିଁକି

ଶୁକ୍ରବାର(ମେ' ୯ତାରିଖ)ରେ



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପା?ୀ ଆଉ ଏକ କୈଫୟତ ତଲବ ନୋଟିସ୍ ଦଇତାପତି ସେବକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ଜାରି କରିଛନ୍ତି । ଏହି ନୋଟିସ୍ ପାଇବାର ୨ଦିନ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜବାବ ସନ୍ତୋଷଜନକ ନହେଲେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଦର୍ଶାଯାଇଛି । ଦୀଘାଠାରେ ଶ୍ରୀଜଗନ୍ନାଥ ମନଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଶ୍ରୀ ଦାସମହାପାତ୍ର ଯୋଗ ଦେଇ ସେବକ ଦଳର ନେତୃତ୍ୱ ନେଉଥିବା ଚିତ୍ର ଓ ଭିଡିଓ ବିଭିନ୍ନ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଛି । ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିରକୁ ନିର୍ଦ୍ଦିଷ୍ଟ ଭାବେ ଉଦଘାଟନ ସମୟରେ 'ଜଗନ୍ନାଥଧାମ-ଦୀଘା' ଲେଖାଯିବା ସହ ଏନେଇ ଫଳକ କରାଯିବା ନଜରକୁ ଆସିଛି । ଶ୍ରୀମନ୍ଦିର ସେବକ ଭାବେ ଶ୍ରୀ ଦାସମହାପାତ୍ର କାହିଁକି ସେଠାରେ ଯୋଗଦେଲେ ଓ ଏହାର ନାମକରଣବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍‌ଯୋକ୍ତାମାନଙ୍କ ପାଖରେ ଆପତ୍ତି କରିଥିଲେ କି ନାହିଁ ସେ ବିଷୟରେ କୈଫୟତ ରଖିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନବକଳେବର ସମୟରେ ବଳକା ଥିବା ଦାରୁରେ ଦୀଘା ମନ୍ଦିର ପାଇଁ ମହାପ୍ରଭୁଙ୍କ ମୂର୍ତ୍ତି ଗ?ାଯାଇଥିବା ନେଇ ଶ୍ରୀ ଦାସମହାପାତ୍ର ବଙ୍ଗୀୟ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାର ହିଁ ତାଙ୍କ ପାଇଁ ଅଡୁଆ ବ?ାଇଛି । ଯଦିଓ ବଳକା ଦାରୁ କାଠରେ ମୂର୍ତ୍ତି ସମ୍ଭବପର ନୁହେଁ ବୋଲି ଶ୍ରୀମନ୍ଦିରର ମହାରଣା ସେବକ ସ୍ପଷ୍ଟ କରିସାରିଛନ୍ତି ।

### ପୂର୍ବ ନୋଟିସ୍ ଓ ପଦକ୍ଷେପ

ଦୀଘାରେ ଶ୍ରୀଜଗନ୍ନାଥ ମନ୍ଦିର ଉଦଘାଟନବେଳେ ଏହାର ନାମକରଣ 'ଜଗନ୍ନାଥ ଧାମ' ରଖାଯିବାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମେ' ୨ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏହାର ଏକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଶ୍ରୀମନ୍ଦିର ପ୍ରଶାସକଙ୍କ ଦ୍ୱାରା ମନ୍ଦିରର ବିଭିନ୍ନ ସେବା ସହ ଜଡିତ ସେବାୟତଙ୍କୁ ନିଜର ମତାମତ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ମେ' ୩ତାରିଖରେ ଗୋଟିଏ ନୋଟିସ୍ ଏବଂ ମେ' ୪ତାରିଖରେ ଆଉ ଗୋଟିଏ ନୋଟିସ୍ ଶ୍ରୀ ଦାସମହାପାତ୍ରଙ୍କୁ ଜାରି କରିଥିଲେ । ଏହି ଉଭୟ ନୋଟିସ୍ ଦୀଘା ଜଗନ୍ନାଥ ମନ୍ଦିରକୁ ଦାରୁ ନେଇଯିବା ପ୍ରସଙ୍ଗ ଓ ଏକ ବଙ୍ଗୀୟ ଚ୍ୟାନେଲକୁ ଦିଆଯାଇଥିବା ମନ୍ତବ୍ୟ ସହ ଜଡିତ ଥିଲା । ଶ୍ରୀ ଦାସମହାପାତ୍ରଙ୍କ ମନ୍ତବ୍ୟ ଓ କାର୍ଯ୍ୟ ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ଗାରିମାକୁ କ୍ଷୁଣ୍ଣ ଓ ବିଭ୍ରାନ୍ତି କରିଛି ବୋଲି ଅଭିଯୋଗ ହେଉଛି । ୪ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ଦାସମହାପାତ୍ରଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଓ ଉପସ୍ଥିତ ରହି ନିଜର ପକ୍ଷ ରଖିବା ପରେ ତାଙ୍କୁ ପୁଣି ଏକ ନୋଟିସ୍ ଦିଆଯାଇ ୭ଦିନ ମଧ୍ୟରେ ଜବାବ ରଖିବାକୁ କୁହାଯାଇଥିଲା। ଏବେ ସେହି ୭ଦିନ ନପୁରୁଣୁ ଆଉ ଏକ ନୋଟିସ୍ ଜାରି ହୋଇଛି ।

### ସରକାରଙ୍କୁ ରିପୋର୍ଟ ଦେଲେ ଶ୍ରୀମନ୍ଦିର ପ୍ରଶାସକ

ମେ' ୫ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପା?ୀ ଲୋକସେବା ଭବନରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ଭେଟି ତଦନ୍ତ କମିଟିର ରିପୋର୍ଟ ପ୍ରଦାନ କରିଥିଲେ । ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଦୀଘା ଜଗନ୍ନାଥ ମନ୍ଦିର ଓ ଦଇତାପତିଙ୍କ ଭୂମିକା ପ୍ରସଙ୍ଗରେ ତଦନ୍ତ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ପ୍ରଶାସନ ୩ଦିନ ଧରି ମହାରଣା ସେବକ, ମନ୍ଦିର ସୁରକ୍ଷା ଅଧିକାରୀ, ଦଇତାପତି ନିଯୋଗ ଆଦିଙ୍କ ମତାମତ ଆଧାରରେ ଏହି ରିପୋର୍ଟ ଦେଇଛନ୍ତି । ଦୀଘା ମନ୍ଦିରର ନାମକରଣ 'ଜଗନ୍ନାଥ ଧାମ' ଭକ୍ତମାନଙ୍କ ମଧ୍ୟରେ ବିଭ୍ରାନ୍ତ ସୃଷ୍ଟି କରିପାରେ । ପୁରୀର ଐତିହାସିକ ଓ ଧାର୍ମିକ ଗୌରବକୁ କ୍ଷୁଣ୍ଣ କରିବ । ଏହି ନାମକରଣ ଓଡିଶାର ସାଧାରଣ ଜନତା ଓ ତୀର୍ଥଯାତ୍ରୀଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି । ରାମକୃଷ୍ଣ ଦାସମହାପାତ୍ର ନିଜର ସ୍ପଷ୍ଟୀକରଣ ଦାଖଲ କରିଛନ୍ତି । କିନ୍ତୁ ମନ୍ଦିର ପ୍ରଶାସନ ତାଙ୍କୁ ଆଗାମୀ ୭ଦିନ ମଧ୍ୟରେ ଆହୁରି ଏକ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛି । ଯେଉଁଥିରେ ଏହି ବିଷୟ ସହ ଜଡିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବ ନାହିଁ ତାହା ତାଙ୍କୁ ଜଣାଇବାକୁ କୁହାଯାଇଛି । ଭାରତର ଚାରିଧାମ ମଧ୍ୟରେ ପୁରୀର ଜଗନ୍ନାଥ ଧାମ ଅନ୍ୟତମ । ତେଣୁ ଦୀଘାରେ ଜଗନ୍ନାଥ ଧାମ ନାମର ବ୍ୟବହାର ଭୁଲ୍ ବୋଲି ବିବେଚନା କରାଯାଉଛି । ଓଡିଶା ସରକାର ଏହାକୁ ହଟାଇବାକୁ ପଦକ୍ଷେପ ନେଉଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଚିଠି

ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ନାମକରଣ 'ଜଗନ୍ନାଥ ଧାମ'କରାଯିବାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆପତ୍ତି ଉଠାଇବା ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମେ' ୬ତାରିଖରେ ଚିଠି ଲେଖି ଆବଶ୍ୟକ ସଂଶୋଧନ ପାଇଁ ଅନୁରୋଧ କରିଛନ୍ତି । ପଶ୍ଚିମବଙ୍ଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିକୁ ସ୍ୱୀକାର କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, 'ଜଗନ୍ନାଥ ଧାମ' ନାମର ବ୍ୟବହାର ପୁରୀର ଅନନ୍ୟ ଐତିହ୍ୟକୁ ଦୁର୍ବଳ କରିପାରେ । ଦୀଘା ମନ୍ଦିରର ଆନୁଷ୍ଠାନିକ ଯୋଗାଯୋଗ ଓ ପ୍ରଚାର ସାମଗ୍ରୀରେ 'ଜଗନ୍ନାଥ ଧାମ'ର ନାମ ବ୍ୟବହାର ନକରି ଆନ୍ତଃରାଜ୍ୟ ସମ୍ମାନ ଓ ସାଂସ୍କୃତିକ ସମ୍ବେଦନଶୀଳ ତାକୁ ସୁରକ୍ଷା ଦେବାକୁ ପରାମର୍ଶ ଦେଇଥିଲେ । ଭକ୍ତମାନଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଏହାର ତୁରନ୍ତ ସମାଧାନ ଓ ସ୍ୱଚ୍ଛତା ଆଣିବାକୁ ଅନୁରୋଧ କରିଥିଲେ । ତେବେ ମମତା ଏପର୍ଯ୍ୟନ୍ତ ଏହାର କୌଣସି ଉତ୍ତର ରଖିନଥିବା ଜଣାପଡିଛି ।

## ଲିଙ୍ଗରାଜଙ୍କ ମନ୍ଦିର ଆଗରେ ବିଜେଡି ପକ୍ଷରୁ ଦୀପଦାନ



ଭୁବନେଶ୍ୱର,୯।୫(ପି.ଏନ): ଯୁଦ୍ଧ ପାଇଁ ଦୀପଦାନ। ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବିଜେଡି ପକ୍ଷରୁ ସାମୁହିକ ଦୀପଦାନ । ଭାରତୀୟ ଯବାନଙ୍କ ମଙ୍ଗବଳ କାମନା ପାଇଁ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଆଗରେ ଭୁବନେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ସମୂହ ଦୀପଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ବିଏମସି ମେୟର ସୁଲୋଚନା ଦାଶ, ବିଜେଡି ନେତା ମନ୍ମଥ ରାଉତରାୟଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ସାମିଲ ହୋଇ ସଂଘର୍ଷରେ ସାମିଲ ଯବାନଙ୍କ ମଙ୍ଗଳ କାମନା କରିଛନ୍ତି ।

## ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ସୁରକ୍ଷା ପାଇଁ ବୈଠକ ଡାକିଲେ ଡିଆଇଜି

ଭୁବନେଶ୍ୱର,୯।୫(ପି.ଏନ): ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ସୁରକ୍ଷା ବ୍ୟବସ୍ଥା ବଢ଼ିଲା । ଏ ନେଇ ଅପରାହ୍ନଣ ୨ଟାବେଳେ ପିଏକ୍ସଇ କ୍ୟାମ୍ପସରେ ବୈଠକ ବସିବ । ସୁରକ୍ଷା ବୈଠକ ଡାକିଛନ୍ତି ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି । ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଓଡିଶାର ବିଭିନ୍ନ ଜିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଛି ।ଯେ କୌଣସି ମୁହୂର୍ତ୍ତରେ ଭାରତ ଉପରେ ଆତଙ୍କବାଦୀ ହମଲା ହେବାର ଆଶଙ୍କା ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡା କଡି କରିଦିଆଯାଉଛି ।








# ଖୁବ୍‌ଶୀଘ୍ର ବିବାହ କରିବେ ଶ୍ରେନୁ ପାରେଖ



ଅଭିନେତ୍ରୀ ଶ୍ରେନୁ ପାରେଖ ଟିଭି ଇଣ୍ଡଷ୍ଟ୍ରିର ଏକ ଲୋକପ୍ରିୟ ଚେହେରା। ଏବେ ଅଭିନେତ୍ରୀ ତାଙ୍କ ଜୀବନର ଏକ ନୂଆ ପର୍ଯ୍ୟାୟରେ ଏଂଟ୍ରି କରିବାକୁ ଯାଉଛନ୍ତି। ବର୍ତମାନ ଶ୍ରେନୁ ହାତକୁ ଦି ହାତ ହେବାକୁ ଯାଉଛନ୍ତି। ଏହି ଅଭିନେତ୍ରୀ ତାଙ୍କର ଦୀର୍ଘ ସମୟର ପ୍ରେମିକା ଅକ୍ଷୟ ମଥ୍ରେଙ୍କ ସହ ସାତ ଫେରା ନେବେ। ଏହାକୁ ସେ ସୋସିଆଲ ମିଡିଆରେ ଏହା ଘୋଷଣା କରିଛନ୍ତି। ଶ୍ରେନୁ ସୋସିଆଲ ମିଡିଆରେ ଏକ ଫଟୋ ସେୟାର କରିଛନ୍ତି। ଏହି ଫଟୋରେ ସେ ତାଙ୍କ ପ୍ରେମିକଙ୍କ ହାତ ଧରିଥିବାର ନଜର ଆସିଛନ୍ତି। କଲାବା ଦୁଇ ହାତରେ ବନ୍ଧା ହୋଇଛି। ଏହି ଫଟୋରେ ସେ କ୍ୟାପସନରେ ଲେଖିଛନ୍ତି – ଗୀତଟି ପୁରୁଣା, କିନ୍ତୁ ଭାବନା ସତେଜ। ଆଉ ୪୫ ଦିନ ବାକି। ଶ୍ରେନୁଙ୍କ ପୋଷ୍ଟ ପରେ ପ୍ରଶଂସକ ଏବଂ ସେଲିବ୍ରେଟମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଦଭିକ୍ ମହାଜନ, ଆଲିଶା ପାନୱାର, ମାନସୀ ଶ୍ରାବସ୍ତବଙ୍କ ସମେତ ଅନେକ ସେଲିବ୍ରେଟି କମେଂଟ କରିଛନ୍ତି। ଶ୍ରେନୁ ଏବଂ ଅକ୍ଷୟଙ୍କ ପ୍ରେମ ଜୀବନ ବିଷୟରେ କଥାବାର୍ତା କଲେ ଦୁହେଁ ୨୦୨୧ରେ ସାକ୍ଷାତ ହୋଇଥିଲେ। ଶୋ’ ‘ଘର ଏକ ମନ୍ଦିର’ର ସୁଟିଂ ସମୟରେ ସେମାନଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା। ଏହା ପରେ ସେମାନେ ପରସ୍ପରକୁ ଭଲ ପାଇଥିଲେ। ଏକ ସାକ୍ଷାତକାରରେ ଏହି ଦମ୍ପତି କହିଛନ୍ତି ଯେ ସେମାନେ ଡିସେମ୍ବର ଶେଷ ସପ୍ତାହରେ ବିବାହ କରିବେ। ସେମାନଙ୍କ ବିବାହ ଶ୍ରେନୁଙ୍କ ହୋମ ଟାଉନ୍ ବଡୋଦାରାଠାରେ ହେବ। ଗୁଜୁରାଟୀ ବର ହେବାକୁ ଶ୍ରେନୁ ବହୁତ ଉତ୍ସାହିତ ଅଛନ୍ତି।



# ଆରପାରିରେ ବିଦ୍ୟା ବାଲନ୍‌ଙ୍କ ଡେବ୍ୟୁ ନିର୍ଦ୍ଦେଶକ



ବର୍ତମାନ ସିନେମା ଜଗତରୁ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସୁଛି। ଜଣାଶୁଣା ବଙ୍ଗୀୟ ଚଳଚ୍ଚିତ୍ର ନିର୍ମାତା ତଥା ଥିଏଟର ବ୍ୟକ୍ତିତ୍ୱ ଗୌତମ ହଲଦରଙ୍କ ହୃଦଘାତ ହୋଇଛି। ନିର୍ମାତା ୬୭ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ନିର୍ଦ୍ଦେଶକଙ୍କୁ ସକାଳେ ତାଙ୍କୁ ତୁରନ୍ତ ହସ୍ପିଟାଲ୍‌ରେ ଭର୍ତି କରାଯାଇଥିଲା। ଚିକିତ୍ସା କରିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ବର୍ତମାନ ଏହି ଖବର ପରେ ବଙ୍ଗାଳୀ ସିନେମାରେ ଦୁଃଖର ବାତାବରଣ ଖେଳି ଯାଇଛି। ନିର୍ଦ୍ଦେଶକଙ୍କ ପରିବାର ବନ୍ଧୁ ଚୈତୀ ଘୋଷାଲ ସୋସିଆଲ ମିଡିଆରେ ତାଙ୍କର ଦେହାନ୍ତ ବିଷୟରେ ସୂଚନା ଦେଇଛନ୍ତି। କହିବୁ ଯେ ଗୌତମ ହଲଦର ନିକଟରେ ରବୀନ୍ଦ୍ରନାଥ ଟାଗୋରଙ୍କ ରକ୍ତ କରାବି ସମେତ ପ୍ରାୟ ୮୦ ଟି ନାଟକ ନିର୍ଦ୍ଦେଶନା ଦେଇଥିଲେ। ହଲଦର ୨୦୦୩ରେ ତାଙ୍କର ପ୍ରଥମ ବଙ୍ଗଳା ଚଳଚ୍ଚିତ୍ର ଭାଲୋ ଥିକୋ କରିଥିଲେ। ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନେତ୍ରୀ ବିଦ୍ୟା ବାଲାନ ଅଭିନୟ କରିଥିଲେ। ତାଙ୍କ ଦେହାନ୍ତ ଖବରରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି। ସମ୍ମାନିତ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଥିଏଟର ବ୍ୟକ୍ତିତ୍ୱ ଗୌତମଙ୍କ ଦେହାନ୍ତରେ ଦୁଃଖିତ ବୋଲି ସେ ତାଙ୍କ ବିବୃତିରେ କହିଛନ୍ତି। ତାଙ୍କର ଦେହାନ୍ତ ସାଂସ୍କୃତିକ ଜଗତ ପାଇଁ ଏକ ବଡ କ୍ଷତି। ନିର୍ଦ୍ଦେଶକ ତଥା ତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ମମତା ସମବେଦନା ଜଣାଇଛନ୍ତି।

କ୍ରିକେଟ ବିଶ୍ୱକପରେ ଭାରତ ଚମତ୍କାର ପ୍ରଦର୍ଶନ କରୁଛି। ରବିବାର କୋଲକାତାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ସମୟରେ ବଲିଉଡ ଅଭିନେତା ଭିକ୍କି କୌଶଲଙ୍କୁ କମେଂଟ୍ରି ବକ୍ସରେ ଦେଖିବାକୁ ମିଳିଥିଲା। ଏହି ସମୟରେ ସେ କ୍ରିକେଟ ବିଷୟରେ ବହୁତ କିଛି କଥା ହୋଇଥିଲେ। ଯେତେବେଳେ କମେଂଟେଟର ତାଙ୍କୁ ପଚାରିଥିଲେ କି ସେ କେଉଁ କ୍ରିକେଟରଙ୍କ ବାୟୋପିକ କରିବାକୁ ଚାହୁଁଛନ୍ତି। ସେ ଏହାର ଏକ ମଜାଳିଆ ଉତର ଦେଇଥିଲେ। ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ମଧ୍ୟ ଭିକ୍କିଙ୍କ ସହ କମେଂଟ୍ରି ବକ୍ସରେ ବସିଥିଲେ। ଯେତେବେଳେ ଅଭିନେତାଙ୍କୁ କୌଣସି କ୍ରିକେଟରଙ୍କ ବାୟୋପିକ ବିଷୟରେ ପଚରାଗଲା, ସେ କହିଥିଲେ – ଲୋକମାନେ ମୋତେ ରିଭ୍ୟୁରେ କୁହନ୍ତି ଯେ ତୁମେ ଗମ୍ଭୀର ଭୂମିକାରେ ଭଲ ଦେଖାଯାଉଛ। ଏହି ସମୟରେ ଗୌତମ ଗମ୍ଭୀର ତାଙ୍କ ପାଖରେ ବସିଥିଲେ। ତାଙ୍କ କଥା ଶୁଣି ହସି ଦେଇଥିଲେ। ଭିକିଙ୍କ ଏହି ବୟାନର ଉତରରେ ଗମ୍ଭୀର କହିଛନ୍ତି ଯେ ଆପଣ ପିନ୍ଧିଥିବା ପୋଷାକ ବହୁତ ଭଲ କାରଣ ମୋ ଜୀବନ ବ୍ଲାକ ଆଣ୍ଡ ହ୍ୱାଇଟ। ତେଣୁ ଅନ୍ତତଃପକ୍ଷେ ଆପଣ କଳା ରଙ୍ଗର ପୋଷାକ ପିନ୍ଧୁଛନ୍ତି। ଏହା ଉପରେ ଅଭିନେତା କହିଛନ୍ତି- ମୁଁ ପ୍ରସ୍ତୁତି ଆରମ୍ଭ କରିଛି। ବଲିଉଡର ଏହି ଅଭିନେତାଙ୍କୁ ଲମ୍ବା ଦାଢି ଏବଂ କଳା ଟି-ସାର୍ଟ ସହିତ କମେଂଟ୍ରି ବକ୍ସରେ ଦେଖିବାକୁ ମିଳିଥିଲା। ଏହି ସମୟରେ କମେଂଟ୍ରେଟର କହିଥିଲେ, ଗମ୍ଭୀର, ତୁମେ ତୁମର ବାୟୋପିକର ଅଧିକାର କାହାକୁ ଦେଇ ଦେଇ ନ ତ। ଏହାର ଉତରରେ ଗମ୍ଭୀର ଏକ ହାଲୁକା ସ୍ୱରରେ କହିଛନ୍ତି ଯେ ମୋ ଜୀବନରେ ଫିଲ୍ମ କରିବା ପୂର୍ବରୁ ଆପଣଙ୍କୁ ଜଣେ ଆଡଭୋକେଟ ହେବାକୁ ପଡିବ।



# ‘ଗୌତମ ଗମ୍ଭୀରଙ୍କ ବାୟୋପିକ୍ ଫିଲ୍ମ କରିବାକୁ ଚାହେଁ’

# ୨୦୨୪ ସେପ୍ଟେମ୍ବର ୨୭ରେ ପରଦାକୁ ଆସିବ ‘ଜିଗରା’

‘ହାଇୱେ’, ‘୨ ଷ୍ଟେଟସ୍’, ‘ଡିଅର ଜିନ୍ଦଗୀ’, ‘ରାଜି’, ‘ଗଙ୍ଗୁବାଇ କାଠିଆୱାଡ଼ି’ ଆଦି ବଲିଉଡ୍ ଫିଲ୍ମରେ ନିଜର ଉଚ୍ଚକୋଟୀର ଅଭିନୟ ଦକ୍ଷତା ପ୍ରଦର୍ଶନ କରିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ। ‘ଗଙ୍ଗୁବାଇ କାଠିଆୱାଡ଼ି’ ଲାଗି ତାଙ୍କୁ ନିକଟରେ ଜାତୀୟ ପୁରସ୍କାର ମିଳିଛି। ଏହି ପରିପ୍ରେକ୍ଷୀରେ ଏକ ସାକ୍ଷାତକାରରେ ଆଲିଆ ସମାଲୋଚନାକୁ କିଭଳି ସହ୍ୟ କରନ୍ତି ସେ ସଂପର୍କରେ ପ୍ରକାଶ କରିଛନ୍ତି। ଆଲିଆ କହିଛନ୍ତି, ପ୍ରଥମେ ପ୍ରଥମେ ସମାଲୋଚନା ଶୁଣି ମୁଁ ବ୍ୟସ୍ତ ହୋଇଯାଉଥିଲି। ସୋସିଆଲ୍ ମିଡିଆରେ ନିଜ ସଂପର୍କରେ ବା ପରିବାର ବିଷୟରେ ନକରାତ୍ମକ କଥା ପଢ଼ିବା ପରେ ଦୁଃଖ ଲାଗୁଥିଲା। ଏବେ ଆଉ ସମାଲୋଚନାକୁ ଭୟ ନାହିଁ। ସେସବୁ ସହ ଅଭ୍ୟସ୍ତ ହୋଇଯାଇଛି। ସେସବୁକୁ ନେଇ ଦର୍ଶକଙ୍କ ସହ ଲଢ଼ିବିନି ବୋଲି ସ୍ଥିର କରିଛି। ଯେହେତୁ ଆମେ ମନୋରଞ୍ଜନ ଜଗତରେ ଅଛୁ ଆମକୁ ସମାଲୋଚନାକୁ ସହ୍ୟ କରିବାକୁ ପଡ଼ିବ। ମୋ’ ମତରେ ଦର୍ଶକମାନେ ଆମଠାରୁ ଯାହା ଚାହିଁଥାନ୍ତି ଆମର ପ୍ରଦର୍ଶନ ତା’ଠାରୁ ଖରାପ ହେଲେ ସେମାନେ ସମାଲୋଚନା କରିଥାନ୍ତି। ଏଭଳିକ୍ଷେତ୍ରରେ ମୁଁ ଏହାକୁ ସକରାତ୍ମକ ଭାବେ ଗ୍ରହଣ କରିବାକୁ ଶିଖିଯାଇଛି। ଦର୍ଶକଙ୍କ ପ୍ରତିକ୍ରିୟାକୁ ଗ୍ରହଣ କରି ଆଗକୁ କିଭଳି ଭଲ ପ୍ରଦର୍ଶନ କରିବି ସେ ଦିଗରେ ଧ୍ୟାନ ଦେଉଛି। ଆଲିଆଙ୍କୁ ଆଗକୁ ‘ଜିଗରା’ରେ ଦେଖିବାକୁ ମିଳିବ। ବସନ ବାଲା ତାର ନିର୍ଦ୍ଦେଶନାରେ ଅଛନ୍ତି। ଆସନ୍ତାବର୍ଷ ସେପ୍ଟେମ୍ବର ୨୭ରେ ଫିଲ୍ମଟି ରିଲିଜ ହେବ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୧୦

# ପପକର୍ନ ବ୍ରେନ


ଡାକ୍ତର ସମ୍ରାଟ କର

ମୋ କ୍ଲିନିକର ତଳ ମହଲାରେ ସହାୟକ ଭାବେ ସୁଜିତ କାର୍ଯ୍ୟ କରେ। ତେବେ ସେ ସେଦିନ ତାର ଜଣେ ବନ୍ଧୁଙ୍କ ବିଷୟରେ ଭାରି ବ୍ୟସ୍ତ ହୋଇ ମୋ ପାଖରେ ଉଦାସ କଣ୍ଠରେ କିଛି କଥା ରଖିଲା। ତାର କଥାନୁଯାୟୀ ତା ବନ୍ଧୁ ଦେବରାଜ ଜଣେ ଉଦ୍ୟୋଗୀ ଭାବେ ବେଶ ପ୍ରତିଷ୍ଠିତ କିନ୍ତୁ ବିଚିତ୍ର କଥା ହେଉଛି ସେ ଏପରିକି ତା କର୍ମକ୍ଷେତ୍ରରେ ସିଟରେ ବସିଥିବା ସମୟରେ ଟିଭି ଦେଖିବା ସମୟରେ ଲଗାତାର ଚ୍ୟାନେଲ ବଦଳାଇ ଚାଲୁଛି। ତାର ଏକାଗ୍ରତା ଆଦୌ ରହୁନାହିଁ ଏବଂ ସେ ଏକ ଅସ୍ଥିର ଭାବରେ କେଉଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଭିତରେ ନିଜକୁ ବ୍ୟସ୍ତ ନ ରଖି ଲଗାତାର ଏହିପରି ଅସ୍ୱସ୍ତିକର ଆଚରଣ ପ୍ରଦର୍ଶନ କରୁଛି। କେବଳ ସେତିକି ନୁହେଁ ମୋବାଇଲ ଦେଖିବା ସମୟରେ ମଧ୍ୟ ଗୋଟିଏ ପେଜରେ ଧ୍ୟାନ କେନ୍ଦ୍ରିତ କରିପାରୁନାହିଁ। ସେ ମୋ ଠାରୁ ପରାମର୍ଶ ବୁଝିବା ପାଇଁ କହିଲା ଯେ ସାର ସେ ପାଗଳ ହୋଇଯାଇ ନାହିଁତ ? ମୁଁ ତା'କଥା ଶୁଣି ହସିଲି ଏବଂ ତାକୁ ବୁଝାଇ କହିଲି ଯଦି ତୁମ ମସ୍ତିଷ୍କ ପିଲାଙ୍କ ପରି ବାରମ୍ବାର ଅନ୍ୟ ଜିନିଷ ଆଡ଼କୁ ଚାଲିଯାଉଥାଏ ଏବଂ ଆପଣ କୌଣସି ଗୋଟିଏ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ ହୋଇପାରୁନଥାଏ ତେବେ ତୁମେ ପପକର୍ନ ବ୍ରେନରେ ପୀଡ଼ିତ। ଏବେ ସାରା ବିଶ୍ୱରେ ପପକର୍ନ ବ୍ରେନ ସସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ପପକର୍ନ ବ୍ରେନ ଏକ ପ୍ରକାର ସିଣ୍ଡ୍ରୋମ। ଯେଉଁଥିରେ ମସ୍ତିଷ୍କ ପ୍ରତି ସେକେଣ୍ଡରେ ପରିବର୍ତ୍ତନ ହୋଇଥାଏ। ଗୋଟିଏ ଜିନିଷରେ ଧ୍ୟାନ ରହେ ନାହିଁ। ଡେଇଁ ଡେଇଁ ଗୋଟିଏରୁ ଆଉ ଗୋଟିଏ ଜିନିଷକୁ ଦେଖିବାକୁ ଚାଲିଯାଇଥାଏ ଠିକ ପପକର୍ନ ଫୁଟିବା ପରି। ସେଥିପାଇଁ ଏହାକୁ କୁହାଯାଉଛି ପପକର୍ନ ବ୍ରେନ। କୌଣସି କଥାବର୍ତ୍ତା ଏବଂ ଜିନିଷ ତାଙ୍କର ଉତ୍ସୁକତାକୁ ଶାନ୍ତ କରିପାରିନଥାଏ ଏବଂ ସେ କିଛି ନୂଆ ଦେଖିବା ଓ ଜାଣିବା ପାଇଁ ମନରେ ଚଞ୍ଚଳତା ଭରି ରଖିଥାନ୍ତି। ଏପରି ପରିସ୍ଥିତିରେ, ମନରେ ଧୈର୍ଯ୍ୟର ଅଭାବ ରହିଥାଏ ଏବଂ ମନ ଗୁରୁତ୍ୱପୂର୍ଣ୍ଣ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ କରିପାରେ ନାହିଁ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଯେତେବେଳେ  ଜଣେ ବ୍ୟକ୍ତିର ଧ୍ୟାନ ବ୍ୟବଧାନ କମିଯାଏ ସେତେବେଳେ ସେ ପପକର୍ନ ବ୍ରେନ ସିଣ୍ଡ୍ରୋମର ଶିକାର ହୋଇଥାନ୍ତି। ୨୦୦୪ ପର୍ଯ୍ୟନ୍ତ ଟିଭି ସ୍କ୍ରିନରେ କୌଣସି ଜିନିଷ ଦେଖିବା ଏବଂ ଚ୍ୟାନେଲ ବଦଳାଇବା ପାଇଁ ଲୋକମାନେ ଦେଢ଼ ମିନିଟ ଖର୍ଚ୍ଚ କରୁଥିଲେ। ୨୦୧୨ରେ ଏହି ବ୍ୟବଧାନ ଏକ ଚତୁର୍ଥାଂଶ ମିନିଟକୁ ହ୍ରାସ ପାଇଥିଲା। ବର୍ତ୍ତମାନ ଲୋକମାନେ ମୋବାଇଲ କିମ୍ବା ଟିଭି ପରଦାରେ ମାତ୍ର ୪୭ ସେକେଣ୍ଡ ରହିବାକୁ ସକ୍ଷମ ହେଉଛନ୍ତି। ଏହାର ଅର୍ଥ ହେଉଛି ୪୭ ସେକେଣ୍ଡ ପରେ ସେମାନଙ୍କ ମନ ଅନ୍ୟ କିଛି ଆଡ଼କୁ ଚାଲିଯାଉଛି। ଏହାର ଅର୍ଥ ହେଉଛି ସେମାନଙ୍କ ଧ୍ୟାନ ଏବଂ ଧୈର୍ଯ୍ୟ ହ୍ରାସ ପାଉଛି। ପପକର୍ନ ବ୍ରେନ କାରଣରୁ ଲୋକମାନଙ୍କ ଶିଖିବା, ମନେ ରଖିବା ଏବଂ ଅନୁଭବ କରିବା ପ୍ରବୃତ୍ତି ଗଭୀର ଭାବେ ପ୍ରଭାବିତ ହେଉଛି। ବିଶେଷଜ୍ଞମାନଙ୍କ ମତରେ ମାନସିକ କାର୍ଯ୍ୟକଳାପ ଯେମିତି ଖବରକାଗଜ ପଢ଼ିବା, ଲୋକଙ୍କ ସହିତ ମିଳାମିଶା, ମେଡ଼ିଟେସନ ଭଳି ଅଭ୍ୟାସ ଦ୍ୱାରା ପପକର୍ନ ବ୍ରେନକୁ ନିୟନ୍ତ୍ରଣ କରାଯାଇପାରିବ।

ଏହି ପପକନ ବ୍ରେନ ସିଣ୍ଡ୍ରୋମ ସେପରି ଏକ ବଡ଼ ମାନସିକ ରୋଗ ନୁହେଁ କିମ୍ବା ସମସ୍ୟା ମଧ୍ୟ ନୁହେଁ। କେବଳ ଜଣେ ଏହାକୁ ଚାହିଁଲେ ନିଜକୁ ନିୟନ୍ତ୍ରିତ ମଧ୍ୟ କରିପାରିବ ନାହିଁ। ଏ କ୍ଷେତ୍ରରେ ଅସ୍ଥିର ଚିତ୍ତ ଓ ବିବ୍ରତ ଆଚାରଣ ହିଁ ବଡ଼ ସମସ୍ୟା। ତେଣୁ ପୀଡ଼ିତ ଜଣଙ୍କ କେଉଁ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି ଏହାକୁ ଦୃଷ୍ଟିରେ ରଖି ତାଙ୍କ ପାଖଲୋକ ଏକ ଭଲ ରୁଟିନ ଅନ୍ତତଃ କିଛି ଦିନ ପାଇଁ ତିଆରି କରି ଦେଖନ୍ତୁ। ଏପରି ପୀଡ଼ିତ ଲୋକମାନଙ୍କୁ ବୁଝାଇବା ଭିତରେ କୌଣସି ଯୁକ୍ତିତର୍କ ମଧ୍ୟ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ସେମାନେ ଉତ୍ତେଜିତ ହୋଇ ବିରକ୍ତି ହୋଇପଡ଼ିବେ ଯାହାଦ୍ୱାରା ସେମାନଙ୍କ ଏହି ସିଣ୍ଡ୍ରୋମର ଉଗ୍ରତା ବଢ଼ିଯିବାର ସମ୍ଭାବନା ଥାଏ। ତେବେ ସମସ୍ୟା ବା କୌଣସି ଜଟିଳ ପରିସ୍ଥିତି ଅନୁଭବ କଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ଭୀମ ରୂପେ ଶ୍ରୀଲୋକନାଥ


ଅଲେଖ ଚନ୍ଦ୍ର ସାମଲ

ଶ୍ରୀଜଗନ୍ନାଥ ମନ୍ଦିରର ପଶ୍ଚିମରେ ପ୍ରାୟ ୨ କିଲୋମିଟର ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚପାଣ୍ଡବଙ୍କ ମଧ୍ୟରେ ରାମ ରୂପରେ କଳ୍ପିତ। ମନ୍ଦିରଟି ପ୍ରାୟ ୧୦ ଏକର ଜମି ପରିମିତ ସ୍ଥାନରେ ସୁଦୀର୍ଘ ପ୍ରାଚିର ଦ୍ୱାରା ପରିବେଷ୍ଟିତ। ବେଢ଼ା ସମ୍ମୁଖରେ ପାର୍ବତୀ ସାଗର ନାମକ ଜଳାଶୟ ରହିଛି। ଏହି ଜଳାଶୟର ପତନ ସହିତ ମନ୍ଦିରର ଲିଙ୍ଗ ବିଜେ କରିଥିବା ଜଳ ପତନ ସମାନ ରୁହେ। କଥିତ ଅଛି ତ୍ରେତୟା ଯୁଗରେ ଜନପଦୀୟ ଲୋକେ ଦେଇଥିବା ଏକ ଲାଉକୁ ଶ୍ରୀରାମଚନ୍ଦ୍ର ଏଠାରେ ଶିବ ଲିଙ୍ଗ ରୂପେ ପୂଜା କରିଥିଲେ। ପରବର୍ତ୍ତୀ କାଳରେ ଏହା ଲାଉକେଶ୍ୱର ରୂପେ ପୂଜିତ ହେଲେ। ଲାଉକେଶ୍ୱର ହିଁ ଜନମାନସରେ ଲୋକମାନଙ୍କ ନାଥ ଅର୍ଥାତ୍ ଲୋକନାଥ ମହାଦେବ ଭାବେ ପରିଚିତ ହୋଇଆସିଛନ୍ତି। ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବର୍ଷତମାମ୍ ଜଳମଗ୍ନ ହୋଇ ରହିଥାନ୍ତି। ଫାଲଗୁନ କୃଷ୍ଣ ଏକାଦଶୀ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ଏବେର ପରିଦୃଶ୍ୟମାନ ମନ୍ଦିର ଭୌମକର ବଂଶୀୟ ରାଜାମାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱ ଟ୍ରଷ୍ଟବୋର୍ଡ଼ ଉପରେ ନ୍ୟସ୍ତ ରହିଛି। ଏଠାରେ ପଣ୍ଡା ଓ ମହାପାତ୍ରମାନେ ସେବକ ଭାବେ କାମ କରୁଛନ୍ତି। ପଣ୍ଡା ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବାଟ ଲୋକନାଥ ଏବଂ ମହାପାତ୍ରମାନେ ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବିମଳାଙ୍କ ସେବା କରିଥାନ୍ତି। ଏମାନଙ୍କ ବ୍ୟତୀତ ମାଳି ସେବକ ମଧ୍ୟ ରହିଛନ୍ତି। ଶ୍ରୀଲୋକନାଥଙ୍କ ଉପରେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ସୁରକ୍ଷା ଦାୟିତ୍ୱ ରହିଛି। ଏଠାରେ ବଲ୍ଲଭ, ସକାଳଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ହୋଇଥାଏ। ବିଶେଷ ପର୍ବ ଭାବେ ଶମ୍ଭୁ ଏକାଦଶୀ ପାଳନ କରାଯାଏ। ସୋମବାର ଦିନ ଏକାଦଶୀ ପଡ଼ିଲେ ଶମ୍ଭୁ ଏକାଦଶୀ ହୁଏ। ଏହି ଦିନ ଶ୍ରୀମନ୍ଦିରରେ ସମନ୍ୱୟାତ୍ମକ ନୀତି ଅନୁଷ୍ଠିତ ହୁଏ। ଏହା କେବଳ ପୁରୀ ଜଗନ୍ନାଥ ଓ ଲୋକନାଥଙ୍କ ମଧ୍ୟରେ ସମାହିତ ହୁଏ। କିନ୍ତୁ ୧୯୮୪ ମସିହା ପରଠାରୁ ଏଠାରେ ଶମ୍ଭୁ ଏକାଦଶୀ ହୋଇପାରୁନାହିଁ। ସେହିପରି ଶିବ ଚତୁର୍ଦ୍ଦଶୀରେ ଲୋକନାଥ ମନ୍ଦିରରେ ସମନ୍ୱୟତ୍ମକ ନୀତି ହୋଇଥାଏ। ଏହା ହରିହର ପୂଜା ଭାବେ ବିଦିତ। ଶ୍ରୀଲୋକାନଥ ମଧ୍ୟ ପଞ୍ଚପାଣ୍ଡବ ଭାବେ ଚନ୍ଦନଯାତ୍ରାରେ ସମ୍ମିଳିତ ହୁଅନ୍ତି। ବୈଶାଖ ମାସର ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶାର ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତ ଏଠାରେ ପହଞ୍ଚ ନୂଆଧାନରେ ଚୁଡ଼ାଘଷା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପୀଠରେ ପ୍ରସିଦ୍ଧ ଜାଗରମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲି ଚାଲି କାଉଡିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ଅସ୍ଥିର ଅସ୍ତିତ୍ୱ


କେଶବ ଚନ୍ଦ୍ର ନାୟକ

ମୋ ବାପା ରେଙ୍ଗୁନରେ ଜନ୍ମ ହୋଇଥିଲେ। ସେହି ସମୟରେ ମୋ ଜେଜେ ବାପା ହାଡୁ ନାୟକ ରେଙ୍ଗୁନରେ ଥିଲେ।ମୋ ବାପା ଉତ୍ସବ ଆଉ ମୋ ବଡ ବାପା ଚୈତନ୍ୟଙ୍କ କହିବା ଅନୁସାରେ ଜେଜେବାପା ଜମିଦାର ଥିଲେ।ଘୋଡାରେ ଯାତାୟାତ କରୁଥିଲେ। କାନରେ କୁଣ୍ଡଳ ଓ ବେକରେ ବେକେ ସୁନା ମାଳି ପିନ୍ଧିଥିଲେ । ବହୁ ଜମିର ମାଲିକ । ସେ ସେଠାରେ ଜଣେ ବ୍ରାହ୍ମଣ ଜାତିର କନ୍ୟାକୁ ବିବାହ କରି ଥିଲେ।ରେଙ୍ଗୁନ ଭଗଡ ହେଲା ପରେ ଓଡ଼ିଶାରୁ ଯାଇଥିବା ଓଡ଼ିଆମାନେ ନିଜ ନିଜ ଭିଟା ମାଟିକୁ ପ୍ରତ୍ୟାବର୍ତ୍ତନ କଲେ । ସେହି ସମୟରେ ସପରିବାରେ ମୋ ଜେଜେବାପା ପିଲାମାନଙ୍କୁ ସାଙ୍ଗରେ ଧରି ଫେରିବା ବାଟରେ ମୃତ୍ୟୁ ବରଣ କରିଥିଲେ। ଛୋଟ ଛୋଟ ପିଲାମାନଙ୍କୁ ସାଙ୍ଗରେ ଧରି ମୋ ଜେଜେମା ପାଟ କଷ୍ଟେ ମଷ୍ଟେ ଗଞ୍ଜାମ ଫେରିଲେ।

ମୁଁ ଜାଣିବାରେ ମୋ ବଡ ବାପା ଚୈତନ୍ୟ, ମୋ ବାପା ଉତ୍ସବ ଆଉ ମୋର ଦୁଇ ଜଣ ଦଦେଇ ପାଣ୍ଡବ ଓ ଅଗାଧୁ ଥିଲେ। ବାସ୍ତବରେ କହିବାକୁ ଗଲେ ମୋ ଜେଜେବାପା ଙ୍କ ନିଜ ଘର ପଞ୍ଚଭୂତି । ସେ ସେଠାରେ ପ୍ରଥମେ ବାହା ହୋଇଥିଲେ ସ୍ୱଜାତରେ। ପ୍ରଥମ ସ୍ତ୍ରୀଙ୍କର ଗୋଟିଏ ପୁତ୍ର ଜନ୍ମ ହୋଇଥିଲା ।

ପରେ ପରେ ସେ ରେଙ୍ଗୁନ ଯାଇ ସେଠାରେ କୃଷି କାର୍ଯ୍ୟ ଆରମ୍ଭ କରି ବହୁ ଜମି କ୍ରୟ କରି ମାଲିକ ହୋଇ ଥିଲେ। ଆଉ ଗଞ୍ଜାମ କେବେ ଫେରି ନାହାଁନ୍ତି। ତାଙ୍କ ପ୍ରଥମ ସ୍ତ୍ରୀଙ୍କର ଗୋଟିଏ ପୁତ୍ର ଥିଲା, ଯାହାଙ୍କ ନାମ ଅରକ୍ଷିତ ଥିଲା। ମୋ ଜେଜେମା ପାଟ ରେଙ୍ଗୁନରୁ ଫେରିଲା ବେଳେ ବହୁ ସୁନା ରୂପା ନେଇ ଆସିଥିଲେ। ପ୍ରଥମେ ସେ କେନ୍ଦୁପଦର ପହଞ୍ଚିଲେ ଛୋଟ ଛୋଟ ପିଲାମାନଙ୍କୁ ଧରି। ସେ ପଣ୍ଡା ଘର ଝିଅ ହୋଇ ଭିନ୍ନ ଜାତିରେ ବାହା ହୋଇଥିବାରୁ ତାଙ୍କୁ ଗ୍ରହଣ କଲେ ନାହିଁ। ତେବେ କେନ୍ଦୁ ପଦରେ ସରକାରୀ ଜାଗାରେ ଏକ କୁଡିଆ ଖଣ୍ଡେ ନିର୍ମାଣ କରି ଛୋଟ ଛୋଟ ପିଲାମାନଙ୍କୁ ଧରି ସୁନା ରୁପା ବିକି ଭାଙ୍ଗି ପ୍ରତି ପୋଷଣ ହେଲେ। କହିବାକୁ ଗଲେ ମୋ ଜେଜେମା ୧୨ ଗୋଟି ପିଲାର ଜନନୀ ଥିଲେ। ରେଙ୍ଗୁନର ରହଣି ସମୟରେ ୪ ଗୋଟି ପିଲାର ଦେହାନ୍ତ ହୋଇଥିଲା। ରେଙ୍ଗୁନ ଭଗଡ ବେଳେ ବାଟରେ ୨ ଟି ପିଲା ମରିଥିଲେ। ଆଉ ୬ ଟି ପିଲା ମଧ୍ୟରୁ କେନ୍ଦୁପଦରରେ ୨ଟି ପିଲା ମରି ବାକି ୪ଟି ପିଲା ବଞ୍ଚି ଥିଲେ। ସେମୟେ ଝାଡା ବାନ୍ତି ବା ହେବାରୁ ମୋ ଜେଜେମା ମୃତ୍ୟୁ ବରଣ କରିଥିଲେ। ଜେଜେଙ୍କ ମୃତ୍ୟୁ ପରେ ୪ ଜଣ ପିଲା ଅନାଥ ହୋଇ ଗଲେ।

ସେହି ଅନାଥ ପିଲାମାନେ ପରବର୍ତ୍ତୀ ସମୟରେ ଘୁମୁସର ଗଡ଼ରେ ପହଞ୍ଚିଲେ । ସେଠାରେ ଛୋଟ ଛୋଟ ପିଲାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜନ କରାଗଲା। ଚାରିଭାଇ କୌଣସି ପ୍ରକାରେ ଯୁବକ ହେଲା ପରେ ଏମାନେ ସମସ୍ତେ ବିବାହ କଲେ । ଅଗାଧୁ ନାମରେ ଯେଉଁ ଦେଇଥିଲେ,ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ରେ ଚାକିରୀ କଲେ। ବଡବାପା ଚୈତନ୍ୟ ବ୍ରହ୍ମପୁର ମେଡ଼ିକାଲରେ ଚାକିରି କଲେ। ମୋ ବାପା ରାଉରକେଲାରେ ଚାକିରି କରୁ ଥିଲେ। କିନ୍ତୁ କୌଣସି କାରଣରୁ ସେ ଚାକିରି ଛାଡି ଗାଁ କୁ ଫେରିଆସିଲେ। ମୋର ଅନ୍ୟ ଜଣେ ଦେଇ ପାଣ୍ଡବ ମଧ୍ୟ ସେ ମୋ ବାପାଙ୍କ ସହିତ ଗାଁ କୁ ଆସି ଚାଷବାସ କାମ କଲେ।

ମୁଁ ଯେତେବେଳ ତୃତୀୟ ଶ୍ରେଣୀରେ ପଢୁଥିଲି ମୋ ଦଦେଇଙ୍କ ହଠାତ୍ ମୃତ୍ୟୁ ଘଟିଥିଲା। ଚାରି ଜଣ ଭାଇଙ୍କ ମଧ୍ୟରୁ ପାଣ୍ଡବ ଜଣେ ବଳଶାଳୀ ବ୍ୟକ୍ତି ଥିଲେ। ଅନ୍ୟାୟ ଅନୀତିକୁ ସେ କେବେ ସହ୍ୟ କରି ପାରୁ ନଥିଲେ । ଜଣେ ଲୋକ ଦଶ ଲୋକଙ୍କୁ ସମ୍ଭାଳିବା ଭଳି ବଳ ଥିଲା। ତାଙ୍କୁ ସମସ୍ତେ ଭୟ କରୁଥିଲେ।

ଯେଉଁ ଦିନ ସେ ଅପହ୍ନ ୪ ଟା ସମୟରେ ଅଚାନକ ମୃତ୍ୟୁ ବରଣ କଲେ । ସେ ପଡୋଶୀ ଘରୁ ଦିଆ ଯାଇଥିବା କ୍ଷୀରି ଖାଇ ଥିଲେ। ଏଣୁ କ୍ଷୀରି ରେ ବିଷ ପ୍ରୟୋଗ ହୋଇଥିବା ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହା ଏକ ଗୁଜବ କହି ତରବରିଆ ଭାବେ ଶ୍ମଶାନରେ ଦାହ ହୋଇ ଥିଲା। ମୋ ଦଦେଇ ଜଣେ ନିଃସନ୍ତାନ ଥିଲେ। ସେ ମଲା ପରେ ତାଙ୍କ ସ୍ତ୍ରୀ ଅନ୍ୟତ୍ର ବାହା ହୋଇ କୌଶଳ କ୍ରମରେ ଘର ଡିହ ବିକି ଚାଲି ଯାଇଥିଲେ । ବ୍ରହ୍ମପୁରରେ ମୋ ବଡ ବାପା ଏବଂ ବଡ ମା ମେଡିକାଲରେ ଚାକିରି କରୁଥିଲେ। ତାଙ୍କର ୭ ଟି ଝିଅ। ପୁଅ ଗୋଟେ ନାହିଁ।

ଦୁହେଁ ମଲା ପରେ ତାଙ୍କର ପିଣ୍ଡ ଦାନ କରିବାକୁ କେହି ନାହିଁ।

କାରଣ ସେମାନେ ଚାହିଁଥିଲେ ଦତ୍ତ ପୁତ୍ର କରି ପାରିଥାନ୍ତେ। ମାତ୍ର ତାଙ୍କ ଝିଅମାନଙ୍କ ମଧ୍ୟରୁ ଅଧିକାଂଶ ଝିଅଙ୍କ ସହ ମତି ନଥିବାରୁ ଆମ ବଂଶର କୌଣସି ପୁତ୍ରକୁ ନେଇ ଦତ୍ତ ପୁତ୍ର କରି ପାରିଥାନ୍ତେ। ମାତ୍ର ଝିଅମାନେ ସମ୍ପତ୍ତି କାଳେ କିଏ ଖାଇ ଯିବ ଭାବି ଦତ୍ତ ପୁତ୍ର କଲେ ନାହିଁ। ଏଣୁ ସେ ଦୁହେଁ ମଲା ପରେ ପିଣ୍ଡ ପାଣି କିଏ ଦେଲେ ନାହିଁ। ଅପାଣିଆରେ ଗଲେ।

ବାକି ରହିଲା ରାଉରକେଲାରେ ରହି କାମ କରୁଥିବା ଅଗାଧୁ ଦଦେଇ । ସେ ଆଉ ତାଙ୍କ ସ୍ତ୍ରୀଙ୍କ ଆଗପଛ ହୋଇ ମୃତ୍ୟୁ ବରଣ କଲେ । ସେ ଅବସର ନେବା ପରେ ରାଉରକେଲାରେ ରହିଲେ । ତାଙ୍କର ପାଞ୍ଚଟି ପୁଅ ଏବଂ ଦୁଇଟି ଝିଅ ଜନ୍ମ ହୋଇଥିଲା। ସେମାନେ ସେଠାରେ ଅଛନ୍ତି। ନିଜ ନିଜ କାମ ଧନ୍ଦା କରି ଜୀବିକା ନିର୍ବାହ କରୁଛନ୍ତି। ମୁଁ ୧୯୮୪ ମସିହାରେ ସେଠାରେ ଥିଲି । କଲେଜରେ ଆଇଏ ପଢୁଥିଲି । ମୋ ଦଦେଇ ଟିକେ ମଦ୍ୟ ପାନ କରନ୍ତି। ପିଇଲା ପରେ ପାଟି ତୁଣ୍ଡ କରନ୍ତି। ପିଲାମାନେ ସବୁ ଅପାଠୁଆ। ଖୁଡି ମାନସିକ ରୋଗୀ। ଏଣୁ ଘରର ଯନ୍ ନେବା ପାଇଁ କିଏ ନାହିଁ। ମୋ କକା ଗାଁ କୁ ଆସିଥିଲେ। ମତେ କହିଲେ: ତୁ ରାଉରକେଲାକୁ ଆସେ , ସେଠାରେ କଲେଜରେ ପଢାଇବି ଆଉ ତୁ ପିଲାମାନଙ୍କୁ ପାଠ ପଢାଇବୁ। ମୁଁ କକାଙ୍କ ଭରସାରେ ରାଉରକେଲା ଗଲି। ସାନ୍ଧ୍ୟ କଲେଜରେ ନାଁ ଲେଖାଇଲି। ପ୍ରଥମ ବର୍ଷା ସୁଖ ଦୁଃଖ ରେ ଚାଲିଲା। ପିଲାମାନଙ୍କୁ ପାଠ ପଢାଇଲି। କିଏ ପ୍ରଥମ, କିଏ ଦ୍ୱିତୀୟ, କିଏ ତୃତୀୟ, ଚତୁର୍ଥରେ ପଢୁଥିଲେ।

ସକାଳ ହେଲେ ସବୁ ପିଲା ଫୁର୍.... ! ସ୍କୁଲ କୁ ଯିବା ଆସିବାର ନାଁ ଗନ୍ଧ ନାହିଁ। ବୁଲି ବୁଲୁ ୧୧ ଟା ,୧୨ଟା ଆସିବେ। ଆଗ ଆଗ ବଡ ଭାଇ ବୋଲି ମୋ କଥା ମାନୁଥିଲେ। ପରେ ମୋ କଥା ମାନିଲେ ନାହିଁ। ଯେଉଁ ବାଇଲା କୁ ସେଇ ବାଇଲା। ସବୁ ଛତରା । ମୁଁ ବେଳେ ବେଳେ ଡରାଏ ।ପାଠ ପଢ କହେ ତାଗିଦ କରେ ।

ଏହା କିଛି ଦିନ କାଳେ ଆସିଲା। ତାପରେ ଯୋଉ କଥା କୁ ସେହି କଥା। ମୋ ପାଠ ପ୍ରତି ମୁଁ ଧ୍ୟାନ ଦେଉଥାଏ। ମୋର ଜଣେ ସହ ପାଠି ଥିଲା। ଦୁଃଶାସନ ସେନାପତି। ଦୁହେଁ ସାଙ୍ଗ।

ମୁଁ ତାଙ୍କ ବସାକୁ ଯାଏ। ଗପସପ କରେ। ବେଳେ ବେଳେ ତାଙ୍କ ଘରେ ଖାଏ। ସେ ଆଉ ତାଙ୍କ ବଡ ଭାଇ ମିଶି ଏକ ବଙ୍ଗାଳୀ ଘରେ ଭଡ଼ାରେ ଥିଲେ।

ଆଇଏ ଦ୍ୱିତୀୟ ବର୍ଷର ଛାତ୍ର। ଏଆଇଏଲ ଓଡ଼ିଆ ଛାଡି ଦେଲେ ସବୁ ସବଜେକ୍ଟ ଇଂରାଜୀ। ଯେମିତି ହେଲେ ଆଇଏ ପାଶ କରିବାକୁ ପଡିବ। ମୋ ମୁଣ୍ଡକୁ ମୋ ପାଠ ବଡ ଜଟିଳ। ଆଉ କକାଙ୍କ ବାଲୁଙ୍ଗା ପିଲାଙ୍କୁ କିଏ ଧ୍ୟାନ ଦେବ। କୁକୁର ଲାଙ୍ଗୁଡ , ଜନ୍ମରୁ ବଙ୍କା। ମୋ କକା ଯେତେ ବେଳେ ଡିଉଟିକୁ ଯିବେ ଘର ଶାନ୍ତି। ଆଉ ଡିଉଟିରୁ ଘରକୁ ଫେରିବା ବେଳକୁ ଢୋଲେ ମଦ ପିଇ ପାଟି କରି କରି ଆସନ୍ତି।

ଆମେ ୧୬ ନମ୍ବର ସେକ୍ଟରରେ ଥିଲୁ। ସାହି ପଡୋଶୀ ଅଶାନ୍ତି । ମଦ ପିଇ ପାଟି କଲେ ଆଉ ବିନା କାରଣରେ ଗାଳି ଗୁଲଜ କଲେ କିଏ କେତେ ସମ୍ଭାଳିବେ । ସବୁ ସାହି ପଡିଶୀ ମତେ ଅଭିଯୋଗ କରନ୍ତି। ମୁଁ ମଦ୍ୟପ କକାଙ୍କୁ ବୁଝାଇବା ଚେଷ୍ଟା କରେ । ସେହି କିଛି ସମୟ ନିରବ। ମୁଁ ବାହାରକୁ ଗଲା ପରେ ଯୋଉ କଥା କୁ ସେହି କଥା। କକା ପୁତୁରା ମଧ୍ୟରେ ଅଶାନ୍ତି ବଢିଲା। ମୁଁ ବାଧହୋଇ ବିବାଦ ଉତ୍କଟ ହେବାରୁ ଅଧାରୁ ପାଠ ଛାଡି ଗାଁ କୁ ଆସିଲି । ପୁନଶ୍ଚ ପାଠ ପଢି ସମାଜ ବିଜ୍ଞାନରେ ସ୍ନାତକୋତ୍ତର କଲି। ମୁଁ ଚାକିରୀ କରିବା ଉଦ୍ଧ ?ଶ୍ୟରେ କିଛି ମାସ ଭୁବନେଶ୍ୱରେ ଥିଲି। କିଛି ବର୍ଷ ପୁରୀରେ ଥିଲି । ପୁନଶ୍ଚ ମାଲକାନଗିରି କୁ ୧୯୯୨ରେ ଆସିଲି । ଚାକିରି ପାଇଁ ସବୁଠି ସୁପାରିଶ ଆଉ ଲାଞ୍ଚ। ଏଣୁ ମୋ ବାପା ଜଣେ ଗାଉଁଲି। ଆଉ ଅଶିକ୍ଷିତ। ତେଣୁ ହାତ ଫାତ ତାଙ୍କର ନାହିଁ। ଲାଞ୍ଚ ଦେବାକୁ ମୋ ବାପା ପାଖରେ ସମ୍ବଳ ନାହିଁ। ଏଣୁ ମୋର ସରକାରୀ ଚାକିରି କରିବାର ଯେଉଁ ଲାଳସା ଥିଲା,ମୋ ମନରୁ ଧୀରେ ଧୀରେ ନିଷ୍ପ୍ରଭ ହୋଇ ଗଲା । ମୁଁ ଅନ୍ୟ ଏକ ବୃତ୍ତିକୁ ଆପଣେଇ ନେଲି । ସ୍ୱାଧୀନ ପ୍ରଫେସନ ଜୋର୍ନାଲିଷ୍ଟ। ମୋର ଟିକେ ସାହିତ୍ୟ ଗଳ୍ପ ଯୁବ ଅବସ୍ଥାରୁ ଅଛି। ଏଣୁ ଲେଖା ଲେଖି ପାଇଁ ଏ ପ୍ରଫେସନାଲ ମତେ ସୁଟ୍ କଲା । ଲେଖିବା ପଢିବା ମୋର ହବିଷ । ପ୍ରାଇଭେଟ୍ କଲେଜରେ ଦୁଇ ବର୍ଷ ଲାଗି ଅଧ୍ୟାପକ ଥିଲି। କଲେଜ ପିଲାମାନଙ୍କୁ କୋଚ଼ିଙ୍ଗ ଦେଉଥିଲି । ମୋ ସବଜେକ୍ଟରେ ଛାତ୍ରଛାତ୍ରୀମାନେ ଭଲ ମାର୍କ ରଖିଥିଲେ।

ମୋ ବାପା ମାଁ ଯେତେବେଳେ ବୁଢ଼ାବୁଢ଼ୀ ହୋଇ ଗଲେ ମୋ ପାଖରେ ଆସି ରହିଲେ। ବାପା ମା'ଙ୍କୁ ଯେମିତି ସେବା ସୁଶ୍ରୁଷା କରିବା କଥା କଲି। ପ୍ରାୟ ୯୦ ବର୍ଷରେ ମୋ ବାପାଙ୍କର ମୃତ୍ୟୁ ହେଲା । ଠିକ ପାଞ୍ଚ ବର୍ଷ ବ୍ୟବଧାନରେ ମୋ ମା ମଲା। ମୁଁ ବଡ ପୁଅ। କ୍ରିୟା କର୍ମ କଲି। ମଶାଣିରୁ ହାଡ ଶୀତଳାଇ ଏକ କଳସରେ ହାଡକୁ ଭରି ଆଣିଲି। ମୁଁ ଯେଉଁଠି ରହୁଥିଲେ ସେ ରାସ୍ତା କଡରେ ବିରାଟ କାକପୋଇ ଗଛ ଥିଲା । ଶୂନଶାନ ରାତି ରେ ସେ ଗଛ ମୂଳେ ଅସ୍ଥି କଳସ କୁ ପୋତି ଦେଲୁ। ମୋ ମା ମଲା ପରେ ତା ଅସ୍ଥି ଆଣି ଆମ ଘରର ଅନତି ଦୂରରେ ରଖିଲୁ।

ଏହି ଅସ୍ଥିକୁ ବିସର୍ଜନ ଲାଗି ଟିକେ ବିଳମ୍ବ ହେଲା । ଆମେ ୩ ଭାଇ। ମଝିଆ ଓକିଲ ଆଉ ସାନଟା ଓଡ଼ିଆ ଅଧ୍ୟାପକ। ସମସ୍ତେ ବିଜି । ଇତି ମଧ୍ୟରେ ମୋ ସାନପୁଅ ବିକାଶ ଓ ମୋ ସ୍ତ୍ରୀ ସାବିତ୍ରୀ କହିଲେ, ଆମେ ପୁରୀକୁ ଯାଇ ବୁଢ଼ା ବୁଢ଼ୀର ଅସ୍ଥି ବିସର୍ଜନ କରିବୁ । ଦିନ ସ୍ଥିର ହେଲା ପୁରୀ ଯିବେ। ମୋ ମା'ର ଅସ୍ଥି ଯେଉଁ ସ୍ଥାନରେ ପୋତା ହୋଇ ଥିଲା, ସେଠାରେ ମିଳିଲା ନାହିଁ। ଖୋଳି ଖୋଳି ବିରକ୍ତ। ଶେଷରେ ବଡ କଷ୍ଟରେ ମିଳିଲା। ଲୋକମାନେ କହନ୍ତି: ଅସ୍ଥି କଳସୀ ଧୀରେ ଧୀରେ ମାଟି ଭିତରେ ଘୁଞ୍ଚି ଯାଏ।

ସେମିତି ବାପାଙ୍କ ଅସ୍ଥି କଳସଟା କାକପୋଇ ବୃକ୍ଷ ତଳେ ମାଟି ଖୋଳି ପୋତା ଯାଇଥିଲା। ସେ କଳସୀ ମିଳିବା ଭାରି କଷ୍ଟ ହେଲା । କଳସଟା ମାଟିରେ ମିଶିଯାଇଥିଲା। ବହୁତ ଖୋଜାଖୋଜି ପରେ ଦୁଇ ଖଣ୍ଡି ଅସ୍ଥି ପ୍ରାପ୍ତ ହୋଇଥିଲା। ବାକି ଅସ୍ଥି ମାଟି ମିଶି ମିଳାଇ ଯାଇଥିଲା। ମୋ ପୁଅ ଆଉ ମୋ ସ୍ତ୍ରୀ ପୁରୀ ଯାଇ ବ୍ରାହ୍ମଣ ସହାୟତାରେ ନୀତି କର୍ମ କରି ଅସ୍ଥି ବିସର୍ଜନ କଲେ।

ମୋ ବଡ ଝିଅଟି ଭୂତ ବୋଇଲେ ଖୁବ୍ ଡରେ । ରାତି ହେଲେ ପଦାକୁ ବାହାରିବା କଷ୍ଟ। ଆବଶ୍ୟକ ହେଲେ,ତା ମା'କୁ ସାଙ୍ଗରେ ଧରି ଯାଏ। ସେ ମୋ ବାପା ମା'ଙ୍କ ମୃତ୍ୟୁ ପୂର୍ବରୁ କହିଥିଲା: ତମେ ମଲେ ଆମକୁ ଡରାଇବ ନାହିଁ । ଭୂତ ହୋଇ ଆସିବ ନାହିଁ। ମୋ ବାପା କହିଲେ:- ମୁଁ ମଲେ ଭୂତ ହୋଇ ଆସିବି ନାହିଁ। କି କାହାରିକୁ ଡରାଇବି ନାହିଁ। ସତକୁ ସତ,ମୋ ବାପା ମା ମଲେ ସିନା ଦିନେ ମଧ୍ୟ ଡରାଇ ନାହିଁନ୍ତି। ତାଙ୍କର ଛାୟା ମଧ୍ୟ ଅନୁଭବ ହୋଇ ନାହିଁ। ମୁଁ ପ୍ରେତାତ୍ମା କୁ ଦେଖିବା ପାଇଁ ରାତି ୨ଟା ୩ଟାରେ ମଧ୍ୟ ବହୁ ବାର ଉଠିଛି,ହେଲେ ସେମାନଙ୍କ ଅସ୍ତିତ୍ୱକୁ ଅନୁଭବ କରି ପାରି ନାହିଁ।ଦିନେ ସ୍ୱପ୍ନ ମଧ୍ୟ ଦେଖି ନାହିଁ।

କିନ୍ତୁ ଯୋଉ ବିରାଟ କାକପୋଇ ବୃକ୍ଷ ତଳେ ମୋ ବାପାଙ୍କର ଅସ୍ଥି କଳସ ପୋତା ଯାଇଥିଲା, ସେହି ବୃକ୍ଷଟି ଶୁଖି ଶୁଖି ମରିଗଲା। ଉପର ଡାଳଗୁଡିକୁ କିଏ କେତେବେଳେ କାଟି କୁଟି ନେଇ ଗଲେ। ବଡ ଗଣ୍ଡିଟି ସେମିତି ରହିଗଲା। ରାସ୍ତା ଆଡ଼କୁ ନଇଁ ରହିଲା। ଉଇ ଲାଗି ଗଣ୍ଡିଟି ଦୁର୍ବଳ ହୋଇଗଲା। ମୁଁ ଭାବୁଥିଲି: ଏ ଗଛଟି ଯଦି କାହା ଉପରେ ପଡିବ,ବଡ ଦୁର୍ଘଟଣା ଘଟାଇବ। ଜୀବନ ହାନି ହେବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ମୁଁ ସେହି ବାଟେ ସକାଳେ ସନ୍ଧ୍ୟା ରେ ଯାଏ। ଆମ ମଝିଆ ଭାଇର ଛୋଟ ପୁଅ ଦୁଇ ଟା ସେ ରାସ୍ତା ଦେଇ ଖେଳକୁଦ କରିବାକୁ ଯାଆନ୍ତି। ବର୍ତ୍ତମାନ କାଳ ବୈଶାଖୀ ଯୋଗୁଁ ବର୍ଷା ପାବନ ବେଶି । ମୁଁ ଭାବୁଥିଲି:- ଏଇ କେଇ ଦିନ ଭିତରେ ଥୁଣ୍ଟା ଗଛଟି ପୋଡି ଯିବ । କାହା ଉପରେ ପଡ଼ିଲେ, ମରିବା ସୁନିଶ୍ଚିତ। ମୁଁ ଭାବୁଥିଲି ଯେ ,ଏ ବୃକ୍ଷ ଦେହରେ ମୋ ବାପାଙ୍କ ପ୍ରେତାତ୍ମା ଥିବ, ଯଦି ଥିବ ଆମର କାହାରି ଜୀବନ ହାନି ହେବ ନାହିଁ। ବାପା ଆମକୁ ନିଶ୍ଚୟ ସୁରକ୍ଷା ଦେବା । ଆଶା ଆଶଙ୍କା ଭିତରେ ଗତ ୭ ତାରିଖ ମଇ ରାତି ଗୋଟିଏ ବେଳେ ଥୁଣ୍ଟା ବୃକ୍ଷଟି ଭୀଷଣ ଶବ୍ଦ କରି ରାସ୍ତା ଉପରେ ପଡ଼ି ଗଲା। କାହାରି କିଛି ହୋଇ ନାହିଁ। ବିପଦ ଟଳି ଗଲା। ଆଜି ମଇ ୯ ତାରିଖ

ମୋ ମା'ର ଶ୍ରାଦ୍ଧ। ଶ୍ରାଦ୍ଧ ଅର୍ପଣ କଲା ପରେ ଭାବୁଛି:- ମୋ ବାପା ମା ଅଶରୀର ଆତ୍ମା ହୋଇ ଯୋଉଠି ବି ଥାଆନ୍ତୁ ନା କାହିଁକି,ଆମ ପ୍ରତି ତାଙ୍କ ଆଶୀର୍ବାଦ ଏବେ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି।

ତାଙ୍କ ପାଦପଦ୍ମରେ କୋଟି କୋଟି ପ୍ରଣାମ।

*(ସଭାପତି, ଉତ୍କଳ ସାହିତ୍ୟ ସଂସଦ,*
*ମାଲକାନଗିରି)*
*ମୋନ:୯୫୩୭୭୭୯୪୪୭*

# ମୁଖିଆ ଖୋଜୁଛନ୍ତି ମୁଖିଆ ପାଇଁ


କିଶୋର ଚନ୍ଦ୍ର ବେହେରା

ସାଧାରଣ ନିର୍ବାଚନ ୨୦୨୪ ମହାପର୍ବର ଜନାଦେଶ ଜୁନ୍ ଚାରି ତାରିଖରେ ଘୋଷଣା ହୋଇ ସାରିଛି। ଓଡ଼ିଶା ବିଧାନସଭା ନିର୍ବାଚନ କ୍ଷେତ୍ରରେ ଜାତୀୟ ଦଳ ଭାରତୀୟ ଜନତା ପାର୍ଟି ଏକାକୀ ୭୮ଟି ଆସନ ଜିତି ସଂଖ୍ୟା ଗରିଷ୍ଠତା ହାସଲ କରିବା ସହିତ ରାଜ୍ୟରେ ପରବର୍ତ୍ତୀ ସରକାର ଗଠନ କରିବା ସ୍ପଷ୍ଟ ହୋଇଛି। ସରକାର ଗଢିବା ପାଇଁ ଜନାଦେଶ ମିଳିବା ପରେ ଭାରତୀୟ ଜନତା ପାର୍ଟିର କିଏ ହେବେ ମୁଖ୍ୟମନ୍ତ୍ରୀ  ତାକୁ ନେଇ କଳ୍ପନାଜଳ୍ପନା ସହ ଅଙ୍କକଷା ଆରମ୍ଭ ହୋଇଯାଇଛି। କେବଳ ବିଜେପିରେ ନୁହେଁ ରାଜ୍ୟବାସୀ ମଧ୍ୟ ଦୀର୍ଘ ୨୫ବର୍ଷ ପରେ ଜାତୀୟ ଦଳର ଜଣେ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ଦଳ ନିର୍ବାଚନ ଲଢିଥିଲେ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ଓଡିଶାର ବିଧାନସଭା ଓ ଲୋକସଭା ଆସନ ଉପରେ ଅତ୍ୟନ୍ତ ଗୁରୁତ୍ୱ ଦେଇଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଗୃହମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ସଭାପତିଙ୍କ ସମେତ ଏକାଧିକ କେନ୍ଦ୍ରମନ୍ତ୍ରୀ ୪ଟି ରାଜ୍ୟର ବିଜେପି ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ କେନ୍ଦ୍ରୀୟ ନେତା ଘନ ଘନ ଓଡିଶା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ତୋଫାନୀ ଲାଗି ପ୍ରଚାର କରିଥିଲେ।

କେନ୍ଦ୍ରୀୟ ନେତାଙ୍କ ସୁଚିନ୍ତିତ ରଣନୀତି ଯୋଗୁଁ ଦଳ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ଆଶାଠାରୁ ଅଧିକ ସଫଳତା ପାଇଛି। ଦଳ ବିଧାନସଭାରେ ୭୮ ଓ ଲୋକସଭାରେ ୨୦ଟି ଆସନ ଅକ୍ତିଆର କରିଛି। ଦଳ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ପାଇବା ପରେ କିଏ ମୁଖ୍ୟମନ୍ତ୍ରୀ ହେବ ତାକୁ ନେଇ ଦଳୀୟ ନେତୃତ୍ୱଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ଓଡିଶା ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ଭୂପେନ୍ଦ୍ର ଯାଦବ ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତାଙ୍କ ସହିତ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଚୌଡରେ ଅନେକଙ୍କ ନାମ ଚର୍ଚ୍ଚା ହେଉଥିବା ବେଳେ ଦଳୀୟ ଶୀର୍ଷ ନେତୃତ୍ୱ ଯାହା ନାମରେ ମୋହର ମାରିବେ ତାକୁ ବିଧାୟକ ଦଳ ବୈଠକରେ ମୋହର ମରାଯିବ ଓ ସମସ୍ତ ବିଜୟୀ ପ୍ରାର୍ଥୀମାନେ ସମର୍ଥନ କରିବା ସୁନିଶ୍ଚିତ। ଅପରପକ୍ଷରେ ବିଜୁ ଜନତା ଦଳ ମୁଖ୍ୟ ବିରୋଧୀ ଦଳ ନେତା ଭୂମିକା ନିଭାଇବ , ଏହାକୁ ନେଇ ମଧ୍ୟ ବିଜେଡି ଶିବିରରେ ଅଙ୍କକଷା ଆରମ୍ଭ ହୋଇଗଲାଣି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର ଗଢ଼ିଲେ କିଏ ହେବ ମୁଖ୍ୟମନ୍ତ୍ରୀ ? କାହା ଉପରେ ଭରଷା କରିବ ଦଳ? କିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପସନ୍ଦ ? ତାହାକୁ ନେଇ ରାଜ୍ୟ ତଥା କେନ୍ଦ୍ର ବିଜେପି କାର୍ଯ୍ୟାଳୟରେ କଳ୍ପନାଜଳ୍ପନା ଲାଗିରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ପ୍ରଚାର ପ୍ରସାର ସମୟରେ ଓଡ଼ିଶା ଗ୍ରସ୍ତରେ ଆସି ପ୍ରତ୍ୟେକ ସାଧାରଣ ସଭା, ଜାତୀୟ ଗଣମାଧ୍ୟମ ଓ ଆଞ୍ଚଳିକ ଗଣମାଧ୍ୟମକୁ ବାରମ୍ବାର ନିଜର ନିଜର ମତବ୍ୟକ୍ତ କରି ସ୍ପଷ୍ଟ ଭାବରେ କହିଛନ୍ତି ଭାରତୀୟ ଜନତା ପାର୍ଟି ଯାହାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ଅଳଙ୍କୃତ କରିବ ସାଢେ ଚାରିକୋଟି ଓଡ଼ିଆଙ୍କ ସ୍ୱାଭିମାନ ଓ ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖି ଓଡ଼ିଶାରେ ଜନ୍ମିତ ଜଣେ ପୁଅ କିମ୍ବା ଝିଅକୁ ରାଜ୍ୟର ଦାୟିତ୍ୱ ଭାର ଅର୍ପଣ କରାଯିବ। ଏହାକୁ ବିଚାରକରି ଯଦି ପରିସଂଖ୍ୟାନ କରାଯାଏ ତେବେ ମୁଖ୍ୟମନ୍ତ୍ରୀ ଚୌଡରେ ଅନେକ ନେତାଙ୍କ ନାମ ସାମ୍ନାକୁ ଆସୁଛି। ସେମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଏହି ଦୌଡର ପ୍ରଥମରେ ରହିଛି। ସେ ସମ୍ବଲପୁର ଲୋକସଭା ଆସନରୁ ଲଢ଼ି ନିର୍ବାଚନ ମଧ୍ୟ ଜିତିଛନ୍ତି ଏବଂ ମୋଦଙ୍କ ସରକାରରେ ବିଭିନ୍ନ ବିଭାଗ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ରୂପେ ସୁଚାରୁରୂପେ କାର୍ଯ୍ୟ କରିଛନ୍ତି। ସେହିପରି କେନ୍ଦ୍ର ବିଜେପିର ଜଣେ ବଡ଼ ଚେହେରା ଭାବେ ସମ୍ବିତ୍? ପାତ୍ରଙ୍କ ଚେହେରା ମଧ୍ୟ ମୁଖ୍ୟମନ୍ତ୍ରୀ ଚୌଡର ଦ୍ୱିତୀୟ ସ୍ଥାନରେ ରହିଛି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭଗରେ ଦାୟିତ୍ୱ ତୁଲାଇବା ସହ ବିରୋଧୀଙ୍କୁ ବିଭିନ୍ନ ପ୍ରଶ୍ନବାଣରେ ଘାଇଲା କରିଥିବାର ନଜିର ରହିଅଛି ଏବଂ ଭାରତୀୟ ଜନତା ପାର୍ଟିର ମୁଖପାତ୍ର ମଧ୍ୟ ଅଛନ୍ତି। ସେ ପୁରୀରୁ ନିର୍ବାଚନ ଲଢ଼ି ବିଜୟ ହୋଇଛନ୍ତି। ଅନ୍ୟପଟେ ୨୦୨୪ ନିର୍ବାଚନର ଠିକ୍? ପୂର୍ବରୁ ଭାଜପା ଓଡ଼ିଶା ଭାଜପାର ଅଧକ୍ଷ ପରିବର୍ତ୍ତନ କରିଥିଲା। ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କୁ ଓଡ଼ିଶା ଭାଜପାର ଦାୟିତ୍ୱ ଦିଆଯାଇଥିଲା। ଯେହେତୁ ତାଙ୍କ ନେତୃତ୍ୱରେ ଭାଜପା ନିର୍ବାଚନ ଜିତୁଛି, ତେଣୁ ତାଙ୍କ ନାମ ମଧ୍ୟ ଆଗରେ ରହିଥିଲେ ମଧ୍ୟ ସେ ଚାନ୍ଦବାଲି ବିଧାନସଭା ନିର୍ବାଚନରେ ପରାଜୟର ବରଣ କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ବ୍ୟାମକେଶ ରାୟଙ୍କ ଠାରୁ । ସେହିପରି ଭାଜପାର ବରିଷ୍ଠ ନେତା ଜୟନାରାଣ ମିଶ୍ରଙ୍କ ନାମ ମଧ୍ୟ ଆଗକୁ ଆସୁଛି। ସେ ସମ୍ବଲପୁର ବିଧାନସଭା ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି। ଦଳ ମଧ୍ୟ ଅନେକ ନୂଆ ଚେହେରା ଖୋଜୁଥିବାର ଆଲୋଚନା କରାଯାଇଥିବା ବେଳେ ଯୁବ ଗୋଷ୍ଠୀ ଏବଂ କିଛି ଅଭିଜ୍ଞ ଚେହେରା ସଂପର୍କରେ ମଧ୍ୟ ଆଲୋଚନା ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବେବି ଚାହିଁବେ ନାହିଁ ନିର୍ବାଚିତ ଲୋକସଭା ପ୍ରାର୍ଥୀମାନଙ୍କ ମଧ୍ୟରୁ ଜଣକୁ ମୁଖ୍ୟମନ୍ତ୍ରୀ କରିବା ପାଇଁ କାରଣ କେନ୍ଦ୍ରରେ ସରକାର ଗଠନ ନିମନ୍ତେ ସଂଖ୍ୟା ଗରିଷ୍ଠତା ପାଇଁ ୨୭୨ ଜଣ ଆବଶ୍ୟକ। ଯଦିଓ ଏନଡିଏ ସମର୍ଥୀତ ୨୯୬ ମ୍ୟାଜିକ କାର୍ଡ ଅଛି କିନ୍ତୁ ବିଜେପି ମତ୍ର ୨୪୧ ଟି ସଂସଦୀୟ କ୍ଷେତ୍ରରେ ବିଜୟ ଲାଭ କରିଛି। ତେଣୁକରି ଦଳ ମୁଖିଆମାନେ କେବେବି ଚାହିଁବେ ନାହିଁ ଲୋକସଭା ବିଜୟୀ ପ୍ରାର୍ଥୀମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ କାରଣ ଦଳକୁ ଉତର ପ୍ରଦେଶରେ ପରାଜୟର ଭୟ ଘାରିଛି। ଅପରପକ୍ଷରେ ବିଧାନ ସଭାରେ ବିଜୁ ଜନତା ଦଳ ମୁଖ୍ୟ ବିରୋଧୀ ଦଳ ଭୂମିକା ରେ ଦେଖିବାକୁ ମିଳିବ ଆଗାମୀ ବଜେଟ ଅଧିବେଶନ ଠାରୁ। ବିରୋଧୀ ଦଳ ମାନଙ୍କ ମଧ୍ୟରେ ବିଜୁ ଜନତା ଦଳ ବିଧାୟକଙ୍କ ସଂଖ୍ୟା ୫୧ ଜଣ, ଭାରତୀୟ ଜାତୀୟ କଂଗ୍ରେସର ବିଧାୟକଙ୍କ ସଂଖ୍ୟା ୧୪ ଜଣ, ସିପିଆଇ (ଏମ୍) ଜଣିଏ ମତ୍ର ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ରାଜ୍ୟର ସୁଶାସନ ନିମନ୍ତେ ଦୃଢ଼ ବିରୋଧୀ ଦଳର ନେତା ଆବଶ୍ୟକତା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଶାସକ ସକ ଏବଂ ବିରୋଧୀ ହେଉଛନ୍ତି ଗଣତନ୍ତ୍ର ବ୍ୟବସ୍ଥାରେ ଲୋକମାନଙ୍କର ଦୁଇ ଆଖି ଭଳି। ବିଧାନସଭାରେ  ଯେଉଁ ବିରୋଧୀ ରାଜନୈତିକ ଦଳ ଦ୍ୱିତୀୟ ସର୍ବାଧିକ ଆସନ ପାଇଥାଏ ତାକୁ ବିରୋଧୀ ଦଳର ମାନ୍ୟତା ମିଳେ କିନ୍ତୁ ଏହା ଅନ୍ୟ ବିରୋଧୀ ଦଳମାନଙ୍କର ଭୂମିକା ଏବଂ ଉତ୍ତରଦାୟିତ୍ୱକୁ କମ୍? କରେନି। ଦେଖିବାକୁ ଗଲେ ସମସ୍ତ ବିରୋଧୀ ଦଳର ଭୂମିକା ସମାନ। ବିରୋଧୀ ଦଳମାନଙ୍କର ମୁଖ୍ୟ ଭୂମିକା ହେଉଛି ସରକାରଙ୍କୁ ପ୍ରଶ୍ନ କରିବା ଏବଂ ସେମାନଙ୍କୁ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ କରାଇବା। ସରକାରଙ୍କର ଦୋଷ ତ୍ରୁଟିକୁ ସୁଧାରିବାରେ ଓ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ଦିଗରେ ବିରୋଧୀ ଦଳମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏକ ଆଦର୍ଶ ରାଜନୈତିକ ବ୍ୟବସ୍ଥାରେ ଲୋକମାନଙ୍କ ପାଖରେ ସରକାରୀ ଦଳ ଯେତିକି ଉତ୍ତରଦାୟୀ ବିରୋଧୀ ଦଳଗୁଡ଼ିକ ମଧ୍ୟ ସେତିକି ପରିମାଣର ଉତ୍ତରଦାୟୀ। ବିଧାନସଭାରେ ହେଉ ବା ବାହାରେ ବିରୋଧୀମାନେ ସବୁବେଳେ ସେମାନଙ୍କର ଉପସ୍ଥିତି ରଖିବା ଦରକାର। ନ ହେଲେ ସରକାର ମନମୋଟିଆ, ଏକଚ୍ଛତ୍ରବାଦୀ ହୋଇଯିବେ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟତମ ଜଣାଶୁଣା ବ୍ୟାଖ୍ୟାକାର ତଥା ନ୍ୟୁଜିଲାଣ୍ଡର ନେତା ଡନ୍? ବ୍ରାଶଙ୍କ ଭାଷାରେ, 'ବିରୋଧୀ ଦଳର ଅର୍ଥ ହେଉଛି ବିକଳ୍ପ ସରକାର' ତେଣୁ ତାକୁ ଆକ୍ଷି ଆଗରେ ରଖି ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବର୍ତ୍ତମାନର ହିଞ୍ଜିଳିକାଟୁ ବିଧାୟକ ନବୀନ ପଟ୍ଟନାୟକଙ୍କ ଉପରେ ନ୍ୟସ୍ତ କରାଯାଇଛି ବିରୋଧୀ ଦଳ ନେତା ନିମନ୍ତେ।

*ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ*
*ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ*
*ନନ୍ଦପୁର, ଜିଲ୍ଲା: କୋରାପୁଟ*




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି। ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ। ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି। ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ। ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।



**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋ ବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।

ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।





# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ



ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।

ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ



ଅନିଲ କୁମାର ମିଶ୍ର

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ଼୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

- ❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।
- ❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ ।
- ❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।
- ❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।
- ❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।
- ❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।
- ❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।
- ❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।
- ❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

କୃଷି ବିଶେଷଜ୍ଞ, ଭୁବନେଶ୍ୱର

# କ୍ଷାରଜଳ ଜାଲଘର ମାଛ

ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷୀପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।



**କ୍ଷାରଜଳ ଜାଲଘର ମାଛଚାଷର ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।



୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର,
ମୋ -୯୧୭୮୪୦୬୫୭)




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୂରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଲିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ନିଖୋଜ ନାବାଳକର ଝୁଲନ୍ତା ମୃତ ଦେହ ଠାବ, ହତ୍ୟା ନା ଆତ୍ମହତ୍ୟା ଅସ୍ପଷ୍ଟ



ଭବାନୀପାଟଣା,(ପି.ଏନ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ବାଣ୍ଡିଗାଁ ଗ୍ରାମପଞ୍ଚାୟତ ଆମଜୋର ଗାଁରେ ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଦଶମ ଶ୍ରେଣୀ ପଢୁଥିବା ଜନୈକ ନାବାଳକ ଙ୍କ ମୃତ ଦେହ ଗୋଟିଏ ଗଛରେ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ସୂଚ଼ନା ଅନୁଯାୟୀ ଗାଁ ର ଅର୍ଜୁନ ରାଉତ ଙ୍କ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ପୁଅ ପଦ୍ମଲୋଚ଼ନ ରାଉତ(୧୬) ବୁଧବାର ଅପରାହ୍ନରୁ ଅପରାହ୍ନ ନିଖୋଜ ଥିଲେ। ପରିବାରଲୋକେ ବହୁତ ଖୋଜା ଖୋଜି କରି ପାଇ ନଥିଲେ। ଏ ସମ୍ପର୍କରେ ଗୁରୁବାର ଅର୍ଜୁନ ତାଙ୍କ ପୁଅ ନିଖୋଜ ଥିବା ନେଇ କଲମପୁର ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ଅପରାହ୍ନ ୩ ଟା ସମୟରେ ଆମଯୋର ଡ଼ଙ୍ଗରିଗୁଡ଼ା ବୁଢ଼ାରଜା ଜଙ୍ଗଲର ଏକ ଗଛରେ ମୃତ ଦେହ ଝୁଲୁଥିବା ନେଇ ଜଣାପଡିଥିଲା। ଖବର ପାଇ ଘର ଲୋକେ ମୃତ ଦେହ ପାଖରେ ପହଂଚ଼ି ଚ଼ିହ୍ନଟ କରିଥିଲେ। କଲମପୁର ଥାନା ଅଧିକାରୀ ପୁଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ କରିବାରୁ ଆସନ୍ତା କାଲି ସାଇଫିଣ୍ଟିକ ଟିମ ଆସିବା ପରେ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ନୀଳାମ୍ବର ଯାନୀ ସୂଚ଼ନା ଦେଇଛନ୍ତି। ଘଟଣା ସ୍ଥଳରେ ପୁଲିସ ଏବଂ ସମ୍ପର୍କୀୟ ମାନେ ଜଗି ରହିଛନ୍ତି। ଏହା ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟାତାହା ସ୍ପଷ୍ଟ ହୋଇନାହିଁ।

## ଲୋକସଭାର ପୂର୍ବତନ ବାଚ଼ସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଭୁବନେଶ୍ୱର ,(ପି.ଏନ): ବିଶିଷ୍ଟ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚ଼ସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼?ମୀରେ ଆୟୋଜିତ ହୋଇଯାଇଛି। ଲୋହିଆ ଏକାଡ଼?ମୀ ଦ୍ୱାରା ଆୟୋଜିତ ଶ୍ରାଦ୍ଧ ସଭାରେ ପ୍ରଫେସର ବିରେନ୍ଦ୍ର ନାୟକ ମୁଖ୍ୟ ଆଲୋଚ଼କ ଭାବେ ଯୋଗ ଦେଇଥିଲେ। ସମଦୃଷ୍ଟି ସମ୍ପାଦକ ସୁଧିର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆଲୋଚ଼ନାର ବିଷୟ ଥିଲା 'ଭାରତରେ ସମାଜବାଦର ଭବିଷ୍ୟତ'। ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଉପସ୍ଥିତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସଂଯୋଜକ ଶ୍ରୀ ସୁଧିର ପଟ୍ଟନାୟକ ପ୍ରଖର ସମାଜବାଦୀ ଚ଼ିନ୍ତକ ରବି ରାୟଙ୍କ ବିଷୟରେ ସମ୍ୟକ ସୂଚ଼ନା ଦେବା ସହ ସମାଜବାଦ ବିଷୟକ ଆଲୋଚ଼ନା ଯେଉଁ ସମୟରେ କରାଯାଉଛି ସେହି ସମୟର ରାଜନୈତିକ ଓ ସାମାଜିକ ପରିସ୍ଥିତି ଉପରେ ସମ୍ୟକ ସୂଚ଼ନା ପ୍ରଦାନ କରିଥିଲେ।

ପ୍ରଫେସର ବିରେନ୍ଦ୍ର ନାୟକ ଭାରତରେ ସମାଜବାଦର ଇତିହାସ ଆଲୋଚ଼ନା କରିବା ବେଳେ ସେ ସମୟରେ ଘଟିଥିବା ଘଟଣାମାନଙ୍କ ପ୍ରଭାବୀ ଦିଗଗୁଡିକୁ ସୂକ୍ଷ୍ମତାର ସହ ବାଖ୍ୟା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସମାଜବାଦ ପ୍ରତି ଦୃଷ୍ଟିକୋଣ ଉପରେ ଆଲୋଚ଼ନା କରି ନିଜର ଆଲୋଚ଼ନାରେ ନେହେରୁଙ୍କ ବିଚ଼ାର, ଲୋହିଆଙ୍କ ବିଚ଼ାର ଆଲୋଚ଼ନା ସହ ଭାରତରେ ପରିବର୍ତ୍ତିତ ରାଜନୀତିରେ ସମାଜବାଦର ରୂପ ଓ ସମ୍ବିଧାନରେ ତାହାର ପ୍ରତିଫଳନ ଉପରେ ସୂଚ଼ନା ପ୍ରଦାନ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ଭାରତର ଶାସନ ବ୍ୟବସ୍ଥା ଠାରୁ ଆରମ୍ଭ କରି ଆଜିର ଶାସନ କଳ ମଧ୍ୟ ଜାତି, ଧର୍ମ ଆଧାରରେ ଭାରତର ସମ୍ବିଧାନର ଆତ୍ମା ସମାଜବାଦକୁ କବର ଦେବାରେ ଲାଗିଛନ୍ତି। ତେଣୁ ସମାଜବାଦ ବିନା ଭାରତର ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ଭବିଷ୍ୟତ ଅନ୍ଧାର ଆଡ଼କୁ ଚ଼ାଲିଯିବ। ସମାଜବାଦ ଉପରେ ପ୍ରଫେସର ନାୟକଙ୍କ ଆଲୋଚ଼ନା ବେଶ ଚ଼ିନ୍ତା ଉଦ୍ଦିପକ ଥିଲା। ପ୍ରଫେସର ନାୟକଙ୍କ ବକ୍ତବ୍ୟ ପରେ ପ୍ରଫେସର ନୀଳମଣି ସାହୁ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟନାୟକ, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡା, ରବି ବେହେରା, ଏନ. ନାରାୟଣ ରେଡ୍ଡୀ, ଡ଼. ସୁମିତ୍ରା ପଟେଲ, ବିଘ୍ନେସ୍ୱର ସାହୁ, ସ୍ୱୟଂପ୍ରଭା ପାଢ଼ୀ, ଗୋ?ରାଙ୍ଗ ମହାପାତ୍ର, ବିପିନ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାରେ ବହୁ ସାମାଜିକ କର୍ମୀ, ଲୋହିଆବାଦୀ, ରାଜନୈତିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଲୋହିଆ ଏକଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତଃ ରବି ରାୟଙ୍କ ଫଟୋଚ଼ିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ନୋଏଡ଼ା ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ

ନୋଏଡ଼ା/ ନୂଆଦିଲ୍ଲୀ ତା ୦୩.୦୨.୨୫ ରିଖ: ନୋଏଡ଼ାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପାଞ୍ଚଦିନିଆ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୨୯ ତାରିଖଠାରୁ ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚ଼ାଲିଥିବା ଏହି ଭବ୍ୟ ଉତ୍ସବ ଉପଲକ୍ଷେ ୧୨୧ ନମ୍ବର ସେକ୍ଟରସ୍ଥିତ ନବ ନିର୍ମିତ ଜଗନ୍ନାଥ ମନ୍ଦିରଟିକୁ ଖୁବ ସରସ ଓ ସୁନ୍ଦର ଭାବରେ ରଙ୍ଗବେରଙ୍ଗର ଫୁଲ, କପଡ଼ା ଏବଂ ଆଲୋକମାଳା ସହିତ ସଜା ଯାଇଥିବା ଦେଖାଯାଇଥିଲା। ପ୍ରାଣ ପ୍ରତିଷ୍ଠା ପାର୍ବଣକୁ କେନ୍ଦ୍ର କରି ଏଠାରେ ପାଞ୍ଚଦିନ ଯାକ ସଙ୍ଗଠକ, ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉତ୍ସାହ, ଅସୀମ ଉତ୍କଣ୍ଠା ଏବଂ ଅଦମ୍ୟ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା। ଲକ୍ଷାଧିକ ଭକ୍ତଙ୍କର ସମାଗମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଠାକୁର ଶ୍ରୀସୁଦର୍ଶନଙ୍କର ବିଗ୍ରହମାନଙ୍କରେ ପ୍ରାଣ ସଂସ୍ଥାପନା କରାଯାଇଥିଲା। ମନ୍ଦିର ପରିଚ଼ାଳନା କମିଟି ଶ୍ରୀଜଗନ୍ନାଥ ସମିତିର ସଭପତି ବିଶ୍ୱନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ଡଃ ମନୋରଞ୍ଜନ ମହାନ୍ତି, ଉପ-ସଭାପତି ପ୍ରମୋଦ ଭଲ ଏବଂ ଯୁଗ୍ମ ସମ୍ପାଦକ ଧନେଶ୍ୱର ନାୟକ ପ୍ରମୁଖଙ୍କର ନେତୃତ୍ୱରେ କମିଟିର କର୍ମକର୍ତ୍ତା, ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସମଗ୍ର ମହୋତ୍ସବକୁ ଅଭୁତପୂର୍ବ ଭାବେ ସଫଳ କରାଇବାରେ ସକ୍ଷମ ହୋଇଥିଲେ। ବସନ୍ତ ପଞ୍ଚମୀର ଶୁଭ ତିଥିରେ ଫେବୃୟାରୀ ୨ ତାରିଖ ଦିନ ବହୁ ଆକାଂକ୍ଷିତ ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କର୍ତ୍ତାର ଦାୟିତ୍ୱ ନିର୍ବାହ କରି ପ୍ରାଣ ପ୍ରତିଷ୍ଠା ବିଧି ସମ୍ପନ୍ନ କରିଥିଲେ। ଆଦ୍ୟ ସେବକ ଭାବରେ ଗଜପତି ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା ହେବା ପରେ ସର୍ବପ୍ରଥମେ ପୂଜା ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସାଂସଦ ଡଃ ମହେଶ ଶର୍ମା, ଡଃ ରବୀନ୍ଦ୍ର ନାରାୟଣ ବେହେରା, ସୁରେନ୍ଦ୍ର ନାଗର, ବିଧାୟକ ପଙ୍କଜ ସିଂହ, ଓ୍ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ବରିଷ୍ଠ ବିଜେପି ନେତା ଶ୍ୟାମ ଯାଜୁ, ଉପେନ୍ଦ୍ର ସିଂହ, ରବି ରୋଷନ, ଦିନେଶ ଖାଡ଼?, ବିଶିଷ୍ଟ ଉଦ୍ୟୋଗପତି ରାଜେଶ ସହାୟ, ବ୍ରହ୍ମା ମିଶ୍ର, ନାରୀ ନେତ୍ରୀ ଡଃ ଚ଼ିଦାତ୍ମିକା ଖଟୁଆ, ଧର୍ମଗୁରୁ ଆଚ଼ାର୍ଯ୍ୟ ଶୈଳେଶ ତିଓ୍ୱାରୀ, ସନ୍ଥ ଗୌତମ ଋଷି ଏବଂ ଦିଲ୍ଲୀ ସରକାରର ମନ୍ତ୍ରୀ ସଞ୍ଜୟ ଗେହେଲଟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

ଶ୍ରୀଜୀଉମାନଙ୍କୁ ଜୀବନ୍ତ ସ୍ୱରୂପ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ପ୍ରାଣ ପ୍ରତିଷ୍ଠା ବିଧିକୁ ହିନ୍ଦୁ ଧର୍ମରେ ଏକ ସ୍ୱତନ୍ତ୍ର ମହତ୍ୱ ପ୍ରଦାନ କରାଯାଇଥାଏ। ଏହି ପବିତ୍ର ପର୍ବ ଉପଲକ୍ଷେ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ରୀତିନୀତି, ଉପଚ଼ାର, ଆଧ୍ୟାତ୍ମିକ ପ୍ରବଚ଼ନ, ବୈଦିକ ସେବା, ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀଗତ ବନ୍ଧୁ ମିଳନ ଆଦିର ଭବ୍ୟ ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରକାରର ନୀତିକାନ୍ତି ସମ୍ପନ୍ନ ହେବା ପରେ ପୁରୀର ମୁକ୍ତି ମଣ୍ଡପ ତରଫରୁ ପ୍ରେରିତ ସେବାୟତମାନଙ୍କ ଦ୍ୱାରା ବହୁ ପ୍ରତିକ୍ଷୀତ ପ୍ରାଣ ପ୍ରତିଷ୍ଠା ପ୍ରକ୍ରିୟା ଚୂଡାନ୍ତ କରାଯାଇଥିଲା। ଏହି ମହାନ ଧାର୍ମିକ ମହୋତ୍ସବରେ ଭାରତବର୍ଷର ବିଭିନ୍ନ ଦେବସ୍ଥାନ ଯଥା:- ଅଯୋଧ୍ୟା, ହରିଦ୍ୱାର, ଋଷିକେଶ, ପୁରୀ ଓ ବାରାଣାସୀ ଆଦି କ୍ଷେତ୍ରରୁ ସାଧୁ, ସନ୍ଥ, ମହାତ୍ମାଙ୍କ ଭଳି ହିନ୍ଦୁ ଧର୍ମର ତୁଙ୍ଗ ନେତୃବୃନ୍ଦ ଆସି ଯୋଗ ଦେଇଥିବା ମନ୍ଦିର ସୂତ୍ରରୁ ପ୍ରକାଶ।

ପ୍ରାଣ ପ୍ରତିଷ୍ଠା ପରେ ମନ୍ଦିରର ଗର୍ଭଗୃହରେ ଶୋଭା ପାଉଥିବା ସୁସଜ୍ଜିତ ରତ୍ନ ସିଂହାସନ ଉପରେ ଦିଅଁମାନଙ୍କର ବିରାଜମାନର ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଓ ଅବିସ୍ମରଣୀୟ ଥିଲା। ଏହି ମହୋତ୍ସବ ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସୁନାମଧନ୍ୟ କଳାକାର ସେମାନଙ୍କର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତା ପ୍ରଦର୍ଶନ କରି ଦେଖଣାହାରୀମାନଙ୍କୁ ଅଭିଭୂତ କରି ଦେଇଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରେ ସନ୍ତୋଷ ରାଉତଙ୍କର ତତ୍ତ୍ୱାବଧାନରେ ସୁରମହ୍ଲାର ଗ୍ରୁପ, ଚ଼ାଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ଏବଂ ସାଥି , ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଦିଲ୍ଲୀପ ଚୋପ୍ରା, ଅନୀଲ ଚ଼ଞ୍ଚଳ , ବିଖ୍ୟାତ ଭଜନ ଗାୟକ ବିଜୟ ବର୍ମା, ଅମ୍ରିତା ଚ଼ତୁର୍ବ?ଦି, ବିଜୟ ଶର୍ମା, ମୋମାର ବିଶ୍ରୁ ଓ ରୋହିତ କୁମାର ବବି ଏବଂ ଓଡ଼ିଶାରୁ ଆସିଥିବା ଦାଶ ନୃତ୍ୟଶାଳାର କଳାକାରବୃନ୍ଦ ଅନ୍ୟତମ ଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଖ୍ୟାତ ଆଧ୍ୟାତ୍ମିକ ପ୍ରବଚ଼କ ସ୍ୱାମୀ ମାଧବାନନ୍ଦ ମହାରାଜ ଶ୍ରୀଜଗନ୍ନାଥ ଅମୃତ କଥା ଉପସ୍ଥାପନ କରିଥିଲେ। ସମଗ୍ର ପାଞ୍ଚଦିନ ଧରି ମା ଖରାଖାଇ କୀର୍ତ୍ତନ ମଣ୍ଡଳୀ ସେମାନଙ୍କର ସୁଲଳିତ ବାଜଣା ଓ ସୁମଧୁର ଭକ୍ତି ସଙ୍ଗୀତରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

ପ୍ରାଣ ପ୍ରତିଷ୍ଠା ମହୋତ୍ସବକୁ ସୁଚ଼ାରୁ ରୂପେ ଆୟୋଜନ ଓ ସୁରୁଖୁରରେ ସମାପନ କରିବାରେ ପରିଚ଼ାଳନାରେ କମିଟିର ସୁଦକ୍ଷ ସଦସ୍ୟ ବୃନ୍ଦ ଯଥା:- ନିଗମ ମହାନ୍ତି, ପ୍ରଶାନ୍ତ ଖିଲାର, ଅଭିମନ୍ୟୁ ପରିଡ଼ା, କିଶୋର ପରିଡ଼ା, ଦିଲ୍ଲୀପ ସ୍ୱାଇଁ, ରମେଶ ନାୟକ, ଅକ୍ଷୟ ସ୍ୱାଇଁ, ପ୍ରକାଶ ରାୟ, ଆଦିତ୍ୟ ସ୍ୱାଇଁ, ଦେବବ୍ରତ ମିଶ୍ର, ସୁବ୍ରତ ଜେନା, ସୁବଳ ବେହେରା ରବୀନ୍ଦ୍ର ନାୟକ, ପ୍ରସାଦ ପରିଡ଼ା, ପ୍ରଭାତ ଜେନା, ଅରୁଣ ସ୍ୱାଇଁ, ଶିବରାମ ପାଣିଗ୍ରାହୀ, ଭରତ ପ୍ରଧାନ, ଏ.ଆର୍. ପରିଜା, ଯୁଧିଷ୍ଠିର ନାୟକ, ସୁଶାନ୍ତ ସୂତାର, ଅଜୟ କୁଅଁର, ହଳଧର ପାତ୍ର, ରବି ରାଉତ, ବିଶ୍ୱ ରଞ୍ଜନ ସ୍ୱାଇଁ, ଦେବବ୍ରତ ନାୟକ, ଅନୁପ ପରିଡ଼ା, ସନି ପରିଡ଼ା, ମହେଶ ପରିଡ଼ା ଓ ବିକ୍ରମ ପରିଡ଼ାଙ୍କର ଭୂମିକା ଖୁବ ଉଲ୍ଲେଖନୀୟ ଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଭୁବନ ରିଭୁ ହେଉଛନ୍ତି ପ୍ରଥମ ଭାରତୀୟ ଓକିଲ ଯିଏ କି ବିଶ୍ୱ ଆଇନଜୀବୀ ସଂଘ ଦ୍ୱାରା ସମ୍ମାନିତ, ଓଡ଼ିଶାରେ ଶିଶୁ ଅଧିକାର କାର୍ଯ୍ୟର ନେତୃତ୍ୱ ନେଉଛନ୍ତି

ଭୁବନେଶ୍ୱର,(ପି.ଏନ): ଭୁବନ ରିଭୁ ଜଣେ ପ୍ରସିଦ୍ଧ ଆଇନଜୀବୀ ଏବଂ ଶିଶୁ ଅଧିକାର କର୍ମୀ ଯାହା ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ସମଗ୍ର ବିଶ୍ୱରେ ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି ସେ ଶିଶୁ ସୁରକ୍ଷା ପାଇଁ ବିଶ୍ୱର ସର୍ବବୃହତ ଆଇନଗତ ହସ୍ତକ୍ଷେପ ନେଟବାର୍କ- 'ଜଷ୍ଟ ରାଇଟ୍ସ ଫର ଚ୍ଲିଲଡ୍ରେନ୍'ର ପ୍ରତିଷ୍ଠାତା ମଧ ଅଟନ୍ତି, ଯାହାର ବିଶ୍ୱବ୍ୟାପୀ ଉପସ୍ଥିତି ଶୀଘ୍ର ବୃଦ୍ଧି ପାଉଛି।ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ପାଇଁ ଓଡ଼ିଶାର ୨୫ଟି ଜିଲ୍ଲାରେ 'ଜଷ୍ଟ ରାଇଟ୍ସ ଫର ଚ୍ଲିଲଡ୍ରେନ୍'ର ୧୪ଟି ଏନଜିଓ ପାର୍ଟନର କାର୍ଯ୍ୟ କରୁଛନ୍ତି । ବିଶ୍ୱ ଆଇନଜୀବୀ ସଂଘ ହେଉଛି ବିଚ୍ାରପତି, ଓକିଲ ଏବଂ ଆଇନ ବିଦ୍ୱାନମାନଙ୍କର ବିଶ୍ୱର ସର୍ବପୁରାତନ ଏବଂ ସବୁଠାରୁ ପ୍ରଭାବଶାଳୀ ନେଟୱାର୍କ ବିଶ୍ୱ ଆଇନ କ୍ଷେତ୍ରରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରି ବିଶିଷ୍ଟ ଶିଶୁ ଅଧିକାର ଆଇନଜୀବୀ ଭୁବନ ରିଭୁ ପ୍ରଥମ ଭାରତୀୟ ଆଇନଜୀବୀ ଭାବେ ବିଶ୍ୱ ଆଇନ କଂଗ୍ରେସରେ ବିଶ୍ୱ ଜୁରିଷ୍ଟ ଆସୋସିଏସନ (WJA) ଦ୍ୱାରା 'ମେଡାଲ୍ ଅଫ୍ ଅନର୍' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡୋମିନିକାନ ରିପବ୍ଲିକରେ ମେ ୪ ରୁ ମେ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭୦ରୁ ଅଧିକ ଦେଶର ୧୫୦୦ ରୁ ଅଧିକ ଆଇନଜୀବୀ ଓ ୩୦୦ ବକ୍ତା ଏକାଠି ହୋଇଥିଲେ। ଶିଶୁ ସୁରକ୍ଷା ଓ ଶିଶୁ ଅଧିକାରକୁ ଆଗକୁ ନେବା ପାଇଁ ଆଇନଗତ ହସ୍ତକ୍ଷେପ ଓ ତୃଣମୂଳ ସ୍ତରରୁ ସଙ୍ଗଠିତ ବ୍ୟବହାର କରି ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଅଗ୍ରଣୀ କାର୍ଯ୍ୟ କରିଥିବା ଭୁବନ ରିଭୁଙ୍କୁ ବିଶ୍ୱର ସର୍ବପୁରାତନ ଆଇନଜ୍ଞ ସଙ୍ଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ୧୯୬୩ମସିହାରେ ପ୍ରତିଷ୍ଠା ପରଠାରୁ ବିଶ୍ୱ ଆଇନଜୀବୀ ସଂଘ ସାର୍ ଓ୍ୱିନଷ୍ଟନ ଚ୍ର୍ଚ୍ଚିଲ, ନେଲସନ ମଣ୍ଡେଲା, ରୁଥ୍ ବେଡର ଗିନ୍ସବର୍ଗ, ସ୍ୱ ?ନର ରାଜା ଷଷ୍ଠ ଫିଲିପ୍, ରେନେ କାସିନ୍ ଏବଂ କେରି କେନେଡିଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ନ୍ୟାୟ ଓ ଆଇନର ଶାସନ କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରିଛି। ଭୁବନ ରିଭୁ ଗତ ୨୦ ବର୍ଷ ମଧରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ପାଇଁ ୬୦ ଚଓଖ ନାମାଙ୍କନ ପତ୍ର ଦାଖଲ କରି ନେତୃତ୍ୱ ନେଇଛନ୍ତି ଯାହା ଫଳରେ ଭାରତର ସର୍ବୋଚ୍ଚ୍ ନ୍ୟାୟାଳୟ ଏବଂ ବିଭିନ୍ନ ହାଇକୋର୍ଟରେ ଯୁଗାନ୍ତକାରୀ ରାୟ ପ୍ରକାଶ ପାଇଥିଲା। ସେ ଶିଶୁ ସୁରକ୍ଷା ପାଇଁ ବିଶ୍ୱର ସର୍ବବୃହତ ଆଇନଗତ ହସ୍ତକ୍ଷେପ ନେଟବାର୍କ- ଜଷ୍ଟ ରାଇଟ୍ସ ଫର ଚ୍ଲିଲଡ୍ରେନ (ଔଜଉ)ର ପ୍ରତିଷ୍ଠାତା ମଧ ଅଟନ୍ତି - ଯାହାର ବିଶ୍ୱବ୍ୟାପୀ ଉପସ୍ଥିତି ରହିଛି। ଓଡିଶାର ୨୫ଟି ଜିଲ୍ଲାରେ ଶିଶୁ ସୁରକ୍ଷା ଓ ୨୦୩୦ ସୁଦ୍ଧା ବାଲ୍ୟବିବାହକୁ ସମାପ୍ତ କରିବା ପାଇଁ ଔଜଉର ୧୪ଟି ଏନଜିଓ ପାର୍ଟନର୍ କାର୍ଯ୍ୟ କରୁଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେ ?କ୍ଷଣ ୦ (୨୦୧୯-୨୧) ଅନୁସାରେ ରାଜ୍ୟରେ ବାଲ୍ୟ ବିବାହର ସ୍ଥିତି ୨୦.୫ ପ୍ରତିଶତ ରହିଛି।ଗ୍ରହଣୀୟତା ଭାଷଣରେ ଭୁବନ ରିଭୁ କହିଲେ, ''ଶିଶୁମାନଙ୍କୁ କେବେ ବି ଏକୁଟିଆ ନ୍ୟାୟ ପାଇଁ ଲ ?ିବାକୁ ପଡିବ ନାହିଁ। ଆଇନ ହିଁ ସେମାନଙ୍କର ଢାଲ ହେବା ଦରକାର ଏବଂ ନ୍ୟାୟ ହିଁ ସେମାନଙ୍କର ଅଧିକାର ହେବା ଦରକାର।'' ଡଔଇର ସଭାପତି ଜାଭିୟର କ୍ରେମୋଡେସ୍ ଭୁବନ ରିଭୁଙ୍କ କାର୍ଯ୍ୟ ଏବଂ ବର୍ଷ ବର୍ଷ ଧରି ସଫଳତାକୁ ପ୍ରଶଂସା କରି କହିଛନ୍ତି, ''ଭୁବନ ଦୃଢ଼ ଭାବରେ ବିଶ୍ୱାସ କରନ୍ତି ଯେ ନ୍ୟାୟ ହେଉଛି ଗଣତନ୍ତ୍ରର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ଏବଂ ନିଜ ଦେଶ ଏବଂ ବିଶ୍ୱସ୍ତରରେ ଯୌନ ଅପରାଧର ଶିକାର ହୋଇଥିବା ଶିଶୁ ଏବଂ ମହିଳାମାନଙ୍କ ପାଇଁ ନ୍ୟାୟ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ତାଙ୍କର ଏହି ପ୍ରୟାସ ଲକ୍ଷ ଲକ୍ଷ ଶିଶୁ ଓ ମହିଳାଙ୍କୁ ବଞ୍ଚାଇ ରଖିବା ସହ ଆଗାମୀ ପି ?ିର ସୁରକ୍ଷା ପାଇଁ ଆଇନଗତ ଢାଞ୍ଚା ପ୍ରସ୍ତୁତ କରିଛି। ଏହି ପୁରସ୍କାର ଆଇନର ଶକ୍ତି ମାଧ୍ୟମରେ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ, ଅଧିକ ନ୍ୟାୟପୂର୍ଣ୍ଣ ବିଶ୍ୱ ନିର୍ମାଣ କରିବା ପାଇଁ ତାଙ୍କର ଅକ୍ଲାନ୍ତ ପରିଶ୍ରମର ସ୍ୱୀକୃତି ଅଟେ।''ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆଡଭୋକେସି ଏବଂ ଆଇନଗତ ହସ୍ତକ୍ଷେପ ସହିତ ଭୁବନ ରିଭୁ ଭାରତର ଶିଶୁ ସୁରକ୍ଷା ଇକୋସିଷ୍ଟମର ପରିବର୍ତ୍ତନ ପଛରେ ଏକ ପ୍ରେରକ ଶକ୍ତି। ସେ ବାଲ୍ୟ ବିବାହ, ଚୋରା ଚ୍ାଲାଣ, ଶିଶୁ ଶ୍ରମିକ ଏବଂ ଶିଶୁ ଯୌନ ନିର୍ଯ୍ୟାତନା ର ମୁକାବିଲା ପାଇଁ ଆଇନଗତ ଅଭିଯାନ ଏବଂ ଅନ୍-ଗ୍ରାଉଣ୍ଡ କାର୍ଯ୍ୟାନୁଷ୍ଠାନର ନେତୃତ୍ୱ ନେଇଛନ୍ତି। ତାଙ୍କର ନିରନ୍ତର ପ୍ରୟାସ ମାଧ୍ୟମରେ ବ୍ୟବସ୍ଥାଗତ ସଂସ୍କାର ଏବେ ଭାରତକୁ ୨୦୩୦ ସୁଦ୍ଧା ବାଲ୍ୟ ବିବାହକୁ ବନ୍ଦ କରିବା ଦିଗରେ ଆଗେଇ ନେଉଛି ।ଭୁବନ ରିଭୁ ହେଉଛନ୍ତି ଜଷ୍ଟ ରାଇଟ୍ସ ଫର ଚ୍ଲିଲଡ୍ରେନ(ଔଜଉ)ର ପ୍ରତିଷ୍ଠାତା- ଯାହା କି ଶିଶୁ ସୁରକ୍ଷା ପାଇଁ ବିଶ୍ୱର ସର୍ବବୃହତ ଆଇନଗତ ହସ୍ତକ୍ଷେପ ନେଟୱାର୍କ । ୨୦୩୦ ସୁଦ୍ଧା ବାଲ୍ୟ ବିବାହ ବନ୍ଦ କରିବା ପାଇଁ ବିଶ୍ୱବ୍ୟାପୀ ଚ୍ାଲିଥିବା ଆନ୍ଦୋଳନ ପଛରେ ମଧ ସେ ଏକ ଅଗ୍ରଣୀ ଶକ୍ତି।''ଜଷ୍ଟ ରାଇଟ୍ସ ଫର୍ ଚ୍ଲିଲଡ୍ରେନ''ର ଜାତୀୟ ଆବାହକ ରବି କାନ୍ତ କହିଛନ୍ତି, ''ଆମର ପ୍ରତିଷ୍ଠାତାଙ୍କୁ ମେଡାଲ ଅଫ୍ ଅନର ମିଳିବା କେବଳ ଆମ ନେଟୱାର୍କ ପାଇଁ ନୁହେଁ, ବରଂ ସମଗ୍ର ଭାରତରେ ଶିଶୁ ଅଧିକାର ଆନ୍ଦୋଳନ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଏହା ନିଶ୍ଚିତ କରେ ଯେ ଆଇନଗତ ହସ୍ତକ୍ଷେପ ଆମ ପିଲାମାନଙ୍କର ସୁରକ୍ଷା ଏବଂ ସେମାନଙ୍କ ସମ୍ମାନ ବଜାୟ ରଖିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ। ବିଶ୍ୱ ଆଇନଜୀବୀ ସଂଘର ଏହି ସ୍ୱୀକୃତି ଜଷ୍ଟ ରାଇଟ୍ସ ଫର ଚ୍ଲିଲଡ୍ରେନ ନେଟୱାର୍କର ଅଂଶ ହୋଇଥିବା ସମଗ୍ର ଭାରତରେ ହଜାର ହଜାର ତୃଣମୂଳ ସ୍ତରର ଡିଫେଣ୍ଡରଙ୍କ ଅକ୍ଲାନ୍ତ କାର୍ଯ୍ୟ ଉପରେ ଆଲୋକପାତ କରିଛି। ଆମେ ଗର୍ବିତ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତ୍ୟେକ ଜିଲ୍ଲାକୁ ସୁରକ୍ଷିତ ଏବଂ ଶିଶୁଙ୍କ ପାଇଁ ନ୍ୟାୟପୂର୍ଣ୍ଣ କରିବା ପାଇଁ ଆମର ମିଶନ ଜାରି ରଖିବାକୁ ଆମେ ପ୍ରେରିତ ଅଛୁ।''



ବୈଶ୍ୱିକ ପ୍ରଭାବ ସହ ଏକ ଜାତୀୟ ମିଶନ ଜଷ୍ଟ ରାଇଟ୍ସ ଫର ଚ୍ଲିଲଡ୍ରେନ (ଔଜଉ)ର ପ୍ରତିଷ୍ଠାତା ଭାବରେ ରିଭୁ ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧକୁ କିପରି ବିଚ୍ାର କରାଯାଏ ଏବଂ ପ୍ରତିରୋଧ କରାଯାଏ ସେଥିରେ ବ୍ୟବସ୍ଥାଗତ ପରିବର୍ତ୍ତନ ଆଣିଛନ୍ତି। ଭାରତରେ କୌଣସି ଶିଶୁ ଯେପରି ଅସୁରକ୍ଷିତ ନ ହୁଅନ୍ତି ସେଥିପାଇଁ ୨୫୦ରୁ ଅଧିକ ସଂଗଠନର ନେଟୱାର୍କ ଏକ ଶକ୍ତିଶାଳୀ ଶକ୍ତିରେ ପରିଣତ ହୋଇଛି ।

ତାଙ୍କ ନେତୃତ୍ୱରେ ୬୦ ଚଓଖସ୍ ମାମଲା ଦାୟର ହେବା ଫଳରେ ଭାରତର ସର୍ବୋଚ୍ଚ୍ ନ୍ୟାୟାଳୟ ଓ ବିଭିନ୍ନ ହାଇକୋର୍ଟରେ ଯୁଗାନ୍ତକାରୀ ରାୟ ପ୍ରକାଶ ପାଇଛି। ୨୦୧୧ରେ ତାଙ୍କ ଦ୍ୱାରା ଯୁକ୍ତି ଦର୍ଶାଯାଇଥିବା ଏକ ମାମଲା ଜାତିସଙ୍ଘ ପ୍ରୋଟୋକଲ ଅନୁସାରେ ଚ୍ାଲାଣକୁ ପରିଭାଷିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନେତୃତ୍ୱ ନେଇଥିଲେ। ୨୦୧୩ରେ ତାଙ୍କର ଆଇନଗତ ଅଭିଯାନରେ ଭାରତର ନିଖୋଜ ଶିଶୁ ସଙ୍କଟ ଉପରେ ଆଲୋକପାତ କରାଯାଇଥିଲା, ଯାହାଫଳରେ ଏକ ଐତିହାସିକ ରାୟ ଆସିଥିଲା । ଭୁବନ ରିଭୁ ଉଭୟ ଅନଲାଇନ ଏବଂ ଅଫଲାଇନ ଶିଶୁ ଯୌନ ଶୋଷଣର ମୁକାବିଲା କରିବା ପାଇଁ ପ୍ରମୁଖ ଆଇନଗତ ଏବଂ ନୀତିଗତ ସଂସ୍କାର ମଧ ଚ୍ଲାଇଛନ୍ତି, ଯେଉଁଥିରେ ଶିଶୁ ଯୌନ ଶୋଷଣ ଏବଂ ଦୁର୍ବ୍ୟବହାର ସାମଗ୍ରୀ (ଉଝରଇଗ) ଡାଉନଲୋଡ ଏବଂ ଦେଖିବା ମଧ ସାମିଲ ଅଛି। ସେ ଶିଶୁ ଦୁଷ୍କର୍ମ ପାଇଁ ଦଣ୍ଡବିଧାନକୁ ଶେଷ କରିବା ପାଇଁ ମଧ କାର୍ଯ୍ୟ କରିଛନ୍ତି ଏବଂ ବାଲ୍ୟ ବିବାହକୁ ଶେଷ କରିବା ପାଇଁ ଭାରତର ଆଇନଗତ ରୋଡମ୍ୟାପ୍ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

ବାଲ୍ୟ ବିବାହ ବନ୍ଦ କରିବା ପାଇଁ ତାଙ୍କ ପୁସ୍ତକରେ ଦର୍ଶାଯାଇଥିବା ପିକେଟ୍? ରଣନୀତିକୁ ସୁପ୍ରିମ୍ କୋର୍ଟ ୨୦୨୪ରେ ଜାରି କରିଥିବା ନିର୍ଦ୍ଦେଶାବଳୀରେ ଅନୁମୋଦନ କରିଥିଲେ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍ପଏଂଟ୍କୁ ନିଜର ନେଟ୍ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍ପଏଂଟ୍କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍ପଏଂଟ୍କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍ପଏଂଟ୍କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ଓ୍ୱର୍କସପ୍ ଅନ୍ ହ୍ୱିଲସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲସ୍ ଆଣ୍ଡ ନେଟ୍ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍ଡି) ଓ ପୋଲିସ୍ (ସିପିସି) ସର୍ଭିସ୍ମେନ୍ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍ସ୍କାର ବ୍ଲୁ ବଡି ସହିତ ସିଲ୍ଭର ରୁଫ୍ ଏବଂ ସିଲ୍ଭର ବଡି ସହିତ ଜାନ୍ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍ଡେଟ୍କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଙ୍ଗ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟାମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭତିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ ।

# ପବିତ୍ର ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ପୂର୍ବତନ ବ୍ଲକ ଅଧକ୍ଷ ସରୋଜ ସାହୁଙ୍କୁ ଜେରା କଲା କ୍ରାଇମବ୍ରା

କେନ୍ଦ୍ରାପଡ଼ା,(ପି.ଏନ): ଗୁଲନଗର ପ□ାୟତ ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଥିବା ଘର ମାଲିକ ପବିତ୍ର ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରା□ର ଏକ ଟିମ୍ ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜ ସାହୁଙ୍କୁ ଜେରା କରିଛି । କ୍ରାଇମବ୍ରା□ର ଅଧିକାରୀମାନେ ଶ୍ରୀ ସାହୁ, ତାଙ୍କ ଡ୍ରାଇଭର, ଜଣେ ସରପ□ଙ୍କ ସ୍ୱାମୀ, ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଏବଂ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଡକାଇ ପଚରାଉଚରା କରିଛନ୍ତି । ପୂର୍ବରୁ କ୍ରାଇମବ୍ରା□ ୪ ଥର କେନ୍ଦ୍ରାପଡ଼ାକୁ ଆସି ତଦନ୍ତ କରିଥିଲେ ମଧ ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀ ସାହୁ ଫେରାର ହୋଇ ଯାଉଥିଲେ। କିନ୍ତୁ ଶୁକ୍ରବାର ଶ୍ରୀ ସାହୁଙ୍କୁ କ୍ରାଇମବ୍ରା□ଜେରା କରିଥିବା ଜଣାପଡିଛି । ସୂଚନା ଯୋଗ୍ୟ ଯେ ଗତ ୨୦୨୨ମସିହା ମାର୍ଚ୍ଚମାସ ୨୫ ତାରିଖ ରାତିରେ ସ୍ୱର୍ଗତ ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା । ସ୍ୱର୍ଗତ ପ୍ରଧାନଙ୍କ ଏହି କୋଠାର ତଳ ମହଲାରେ ପୂର୍ବତନ ବ୍ଲକ ଅଧକ୍ଷ ସରୋଜ ସାହୁ ଭଡ଼ାରେ ରହୁଥିଲେ । କିନ୍ତୁ ଦୀର୍ଘଦିନ ଧରି ସେ ଘରଭଡ଼ା ଦେଇ ନ ଥିଲେ । ଏପରିକି ତାଙ୍କ ଉପରେ ଏକ ଲକ୍ଷ ଟଙ୍କା ଘରଭଡ଼ା ବାକି ଥିଲା । କିନ୍ତୁ ସେ ଏହାକୁ ଦେଉ ନଥିଲେ । ଏ ନେଇ ଅଦାଲତରେ ଏକ ମାମଲା ରୁଜୁ ହୋଇଛି ବୋଲି ସ୍ୱର୍ଗତ ପ୍ରଧାନଙ୍କ ପୁଅ ଉତ୍କଳ କହିଛନ୍ତି । ସେ କହିଛନ୍ତି ଘରଭଡ଼ା ବାବଦ ବାକି ଟଙ୍କା ନ ଦେବା ପାଇଁ ଓ ଏହି ଘରକୁ କବଜା କରିନେବା ଉଦେଶ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀ ସାହୁ ତାଙ୍କ ବାପାଙ୍କୁ ହତ୍ୟା କରିଥିଲେ । ଏପରିକି ଦଣ୍ଡାମୁଣ୍ଡ ଜମି ପଟ୍ଟାରେ ତାଙ୍କ ବାପାଙ୍କ ନାମକୁ କାଟି ଦେବା ପାଇଁ ମଧ ସେ କାରସାଦି କରିଥିଲେ । ତହସିଲଦାରଙ୍କୁ ବହୁ ଗୁହାରି ପରେ ତାଙ୍କ ବାପାଙ୍କ ନାମ ଏବେ ରେକର୍ଡଭୁକ୍ତ ହୋଇଛି ବୋଲି ପୁଅ ଉତ୍କଳ କହିଛନ୍ତି । ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ନେବା ପାଇଁ ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନାହିଁ ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦଜରିଆରେ ବଜାରକୁ ଅଧିକ ୍ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ିବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି। ଓ୍ୱାର୍କ ଫ୍ରମ ହୋମ ଓ ଲର୍ଣ୍ଣ ଫ୍ରମ ହୋମର ଧାରା ଏହି ଉତ୍ସବ ଋତୁରେ ବଢ଼ିବା ଏକପ୍ରକାର ବାଧ୍ୟ ଥିବା ବେଳେ କ୍ୟାନନ ଇଣ୍ଡିଆ ଏହାର ଇଂକ ଟ୍ୟାଙ୍କ ପ୍ରିଂଟର ବର୍ଗ: ସର୍ବଭାରତୀୟ ସ୍ତରରେ ପ୍ରସାର ପାଇଁ ଇଣ୍ଡିଆ କା ପ୍ରିଂଟର ଅଭିଯାନ ଅଧୀନରେ ଆକର୍ଷଣୀୟ ଅଫର ପ୍ରଦାନ କରିବା ଜାରି ରଖିବ। ଗୁଗୁଲ ନେଷ୍ଟ ମିନି ସହିତ ଉତ୍ସବ ଉଲ୍ଲାସକୁ ଉଜ୍ୱଳ କରିବା ଲାଗି ୫୦୯୯ ଟଙ୍କା ମୂଲ୍ୟର ଓ୍ୱିପ୍ରୋ ସ୍ମାର୍ଟ ବଲବ ପାଇପାରିବେ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
# ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Friday May 9 ଭୁବନେଶ୍ୱର ଶୁକ୍ରବାର, ୯, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## କିଟ୍‌ରେ ୧୬ ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦଘାଟିତ




ଭୁବନେଶ୍ୱର,(ପି.ଏନ): ସର୍ବ ଭାରତୀୟ ଚେସ୍ ଫେଡେରେସନ (ଏଆଇସିଏଫ) ତତ୍ତ୍ୱାବଧାନରେ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୧୬ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଭାରତୀୟ ଟେନିସ୍ ତାରକା, ଅଲିମ୍ପିଆନ୍ ଏବଂ ମେଜର ଧ୍ୟାନ ଚାନ୍ଦ ଖେଳ ରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍ କହିଲେ, ଶିକ୍ଷା ଏବଂ କ୍ରୀଡ଼ା ଶିକ୍ଷା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୃଷ୍ଟିକୋଣ ଅନନ୍ୟ। କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ଅତି ଉତ୍କୃଷ୍ଟ। ଭାରତରେ କ୍ରୀଡ଼ା କ୍ଷେତ୍ରରେ ଅଚ୍ୟୁତ ସାମନ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କ୍ରୀଡ଼ାରେ କିଟ୍ ଓ କିସ୍‌କୁ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ସେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍ ର କ୍ରୀଡ଼ାକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବା ତାଙ୍କର ଦାୟିତ୍ୱ ବୋଲି ଲିଆଣ୍ଡର ପ୍ରତିଶ୍ରୁତି ଦେଇଥିଲେ।ଅନ୍ୟତମ ଅତିଥି ମହାରାଷ୍ଟ୍ରର ପୁନେସ୍ଥିତ ଚେସ୍ ଇନ୍ ସ୍କୁଲ (ଫିଡେ)ର କମିଶନର ତଥା ଜିଏମ ଅଭିଜିତ କୁନ୍ତେ, ଶ୍ରୀ ସାମନ୍ତଙ୍କୁ ତାଙ୍କର ଦୃଷ୍ଟିକୋଣ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଲେ ଭାରତର ପୂର୍ବ ଭାଗରେ ଏକ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟର ଆବଶ୍ୟକତା ରହିବ ବୋଲି ୧୬ ବର୍ଷ ପୂର୍ବେ, ଅଚ୍ୟୁତ ସାମନ୍ତ ଚିନ୍ତା କରିପାରିଥିଲେ। ଏଭଳି ଅନ୍ତର୍ଜାତୀୟ ଚେସ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଏକ ସହଜ କାମ ନୁହେଁ। ମାତ୍ର ଦୀର୍ଘ ୧୫ ବର୍ଷ ଧରି ନିରନ୍ତର ଏହି ଟୁର୍ଣ୍ଣାମେଣ୍ଟ କିଟ୍‌ରେ ଆୟୋଜନ କରାଯାଇଆସୁଥିବାରୁ ଶ୍ରୀ ସମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ଏଆଇସିଏଫର ପୂର୍ବତନ ଉପାଧ୍ୟକ୍ଷ ଭବେଶ ଭାଇ ପଟେଲ କହିଲେ, ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଅଧିକ ପାଣ୍ଠି, ବିପୁଳ ଭିତ୍ତିଭୂମି ସହ ଆୟୋଜକଙ୍କ ଏକ ବିଶାଳ ହୃଦୟ ରହିବା ଆବଶ୍ୟକ। ଅଚ୍ୟୁତ ସାମନ୍ତଙ୍କଠାରେ ସେଭଳି ସାହସ ଓ ଇଚ୍ଛା ଶକ୍ତି ରହିଥିବା ସେ ପ୍ରକାଶ କରିଥିଲେ। ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କେବଳ ଓଡ଼ିଶାର ନୁହେଁ ଭାରତର ମଧ ଗର୍ବ ବୋଲି ସେ କହିଥିଲେ। ସଭାପତିତ୍ୱ ଭାଷଣରେ ଶ୍ରୀ ସାମନ୍ତ କହିଲେ, ଚେସରେ ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଅବଦାନ ରହିଛି। କିଟ୍ ଓ କିସ୍ ସର୍ବଦା କ୍ରୀଡ଼ା ଏବଂ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିଆସୁଛି। କିଟ୍ ଓ କିସ୍ ଭାରତର ଏକମାତ୍ର ଅନୁଷ୍ଠାନ ଯେଉଁଠି ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସହ ସର୍ବୋତ୍ତମ ତାଲିମ ସୁବିଧା ରହିଛି। ଆଗାମୀ ବର୍ଷରେ ଏହାର କ୍ରୀଡ଼ା ଭିତ୍ତିଭୂମିକୁ ଦ୍ୱିଗୁଣିତ କରାଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ। ୧୬ତମ କିଟ୍ ଆନ୍ତର୍ଜାତୀୟ ଚେସ୍ ମହୋତ୍ସବରେ ଭାରତ ସମେତ ୪୨ଟି ଦେଶର ଅନ୍ତର୍ଜାତୀୟ ଆର୍ବିଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଗ୍ରାଣ୍ଡମାଷ୍ଟର ସମେତ ୧୨ଶହ ଖେଳାଳି ଅଂଶଗ୍ରହଣ କରିଛନ୍ତି। କୌଣସି ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟରେ ୪୨ ଦେଶର ଖେଳାଳି ଯୋଗଦେବା ପ୍ରଥମ। ମୋଟ ପୁରସ୍କାର ରାଶି ରହିଛି ୬୦ ଲକ୍ଷ। ଏହା ଭାରତରେ କୌଣସି ଚେସ୍ ଇଭେଣ୍ଟରେ ପ୍ରଦାନ କରାଯାଇଥିବା ଦ୍ୱିତୀୟ ସର୍ବାଧିକ ପୁରସ୍କାର ରାଶି। ମୋଟ ୪୩୬ଟି ପୁରସ୍କାର ତିନୋଟି ବର୍ଗରେ ବଣ୍ଟନ କରାଯିବ। 'ଏ' ବର୍ଗରେ ମୋଟ ୩୦ଲକ୍ଷ ଟଙ୍କା,୧୯୦୦ରୁ କମ୍ ରେଟେଡ୍ ଥିବା 'ବି' ବର୍ଗ ପାଇଁ ୧୫ଲକ୍ଷ ଏବଂ ୧୬୦୦ରୁ କମ୍ ରେଟେଡ୍ ଥିବା 'ସି' ବର୍ଗର ଖେଳାଳିଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ଆଇଏମ୍ ଶେଖର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଆଇସିଏଫ୍ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଚେସ୍ ଆସୋସିଏସନର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆଲୋଚ୍‌ନା ପାଇଁ ରାଜି ହେବାରୁ ଏଏମଏନଏସରେ ପୂର୍ବ ଉପକୂଳ ଶ୍ରମିକ ସଙ୍ଘର ଆନ୍ଦୋଳନ ସ୍ଥଗିତ





ପାରାଦୀପ,(ପି.ଏନ): ଗତ ଏପ୍ରିଲ ମାସ ୨୮ ତାରିଖରୁ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘ ପକ୍ଷରୁ ଆର୍ସ ?ଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମଏନଏସ) ଇଣ୍ଡିଆ ଲିମିଟେଡ୍ କମ୍ପାନୀ ରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକ ମାନଙ୍କର ବିଭିନ୍ନ ଦାବୀ ନେଇ କମ୍ପାନୀ ଫାଟକ ସମ୍ମୁଖ ରେ ଘଣ୍ଟିକିଆ ବିକ୍ଷୋଭ ପ୍ରଦର୍ଶନ ସହ ଆଠ ଦିନ ପ୍ଲାଣ୍ଟ ଭିତରେ ଘଣ୍ଟିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ କିଛି ନଶୁଣିବାରୁ ଗତ ୭ ତାରିଖରୁ ଶ୍ରମିକ ମାନେ ଦୁଇଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ଶେଷରେ ବାଧ୍ୟହୋଇ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଙ୍କ ସହାୟତା ଲୋଡ଼ିଥିଲେ। ଗତ ୮ ତାରିଖ ଗୁରୁବାର ଅପରାହ୍ନ ୪ ଟା ସମୟରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ପୂର୍ବ ଉପକୂଳ ଶ୍ରମିକ ସଂଘ ର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ସମ୍ପାଦକ ରତ୍ନାକର ଜେନା ଓ ଏଏମଏନଏସ ର ଏଚ୍‌ଆର ସୁନିଲା ଦାସ ଏବଂ ଆଇଆର ଅରୂପ ଗୌଡା ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇ ଶ୍ରମିକ ମାନଙ୍କ ସମସ୍ୟା ଉପରେ ଆଲୋଚ୍‌ନା କରିଥିଲେ। ପ୍ରାୟ ୩ ଘଣ୍ଟା ଆଲୋଚ୍‌ନା ପରେ ଏଏମଏନଏସ କର୍ତ୍ତୃପକ୍ଷ ଆସନ୍ତା ୨୬ ତାରିଖରେ କମ୍ପାନୀ ର ଉଚ୍ଚ କତୃପକ୍ଷ ମାନେ ଯୋଗଦେଇ ଶ୍ରମିକ ଙ୍କ ସମସ୍ୟା ଉପରେ ନିଷ୍ପତି ନେବେ ବୋଲି ସମୟ ମାଗିଥିଲେ। ସେ ପର୍ଯ୍ୟନ୍ତ ଆନ୍‌ଦୋଳନ କୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ କ୍ଷ ତେଣୁ ସଂଘ ତରଫରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଆନ୍‌ଦୋଳନ କୁ ସ୍ଥଗିତ ରଖିବା ପାଇଁ ନିଷ୍ପତି ନିଆଗଲା।

## ଶକ୍ତି ବିଭାଗର ଷ୍ଟାଣ୍ଡିଂ କମିଟି ପକ୍ଷରୁ ଟିପିସିଓଡିଏଲର ବିଦ୍ୟୁତ ବଂଟନ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ବିଧାନସଭାର ବିଭାଗୀୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି-ଏକ୍ସ (ଶକ୍ତି)ର ଏକ ପ୍ରତିନିଧି ଦଳ ଭୁବନେଶ୍ୱରର ପାୱାର ହାଉସ ଛକ ନିକଟରେ ଥିବା ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ୍)ର ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ଲକ୍ଷ୍ୟ ହେଉଛି ଓଡ଼ିଶା ବିଦ୍ୟୁତ୍ ବଂଟନ ବ୍ୟବସ୍ଥାରେ ଡିଜିଟାଲ ଭିତ୍ତିଭୂମି ଓ ପରିଚାଳନାରେ ଚାଲିଥିବା ଉନ୍ନତିର ସମୀକ୍ଷା କରିବା।ଷ୍ଟାଣ୍ଡିଂ କମିଟି-ଏକ୍ସ (୨୦୨୫-୨୬)ର ଅଧ୍ୟକ୍ଷ ତଥା ବିଧାୟକ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳରେ ବିଧାୟକ ଶ୍ରୀ ସରୋଜ କୁମାର ପ୍ରଧାନ, ବିଧାୟକ ଶ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହିତ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲର ନେତୃତ୍ୱ ଦଳ ଉପସ୍ଥିତ ଥିଲେ।ଟିପିସିଓଡିଏଲ୍ ଅଧିକାରୀ ମାନେ କମିଟି ସଦସ୍ୟଙ୍କୁ ସୁପରଭାଇଜରି କଂଟ୍ରୋଲ୍ ଓ ଡାଟା ଆକ୍ୱିଜିସନ୍ (ସ୍କାଡା) ପ୍ଲାଟଫର୍ମ କିଭଳି ବିଦ୍ୟୁତ୍ ନେଟୱର୍କର ବାସ୍ତବ ସମୟ ନିରୀକ୍ଷଣ କରିବା ସହିତ ବୁଦ୍ଧିମତାର ସହ ତ୍ରୁଟିକୁ ଅଲଗା କରୁଛି ଏବଂ ଗ୍ରିଡ ପରିଚାଳନାକୁ ସ୍ୱୟଂକ୍ରିୟ କରିପାରିଛି ତାହା ବୁଲି ଦେଖାଇଥିଲେ।କମିଟିର ସଦସ୍ୟମାନଙ୍କୁ ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ରର ଦକ୍ଷତା ବିଷୟରେ ଅବଗତ କରାଯାଇଥିଲା ଯେଉଁଥିରେ ରହିଛି କେନ୍ଦ୍ରୀୟ ବିଦ୍ୟୁତ୍ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର (ସିପିଏସ୍‌ସିସି) ଓ ଗୁରୁତ୍ୱପୂର୍ଣ୍ଣ ଏରିଆ ପାୱାର ସିଷ୍ଟମ୍ କଂଟ୍ରୋଲ୍ ସେଂଟର (ଏପିଏସ୍‌ସିସି)। ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ ମିଳିତ ଭାବେ କାମ କରୁଛି ଯାହା ଦ୍ୱାରା ଚବିଶ ଘଂଟା ନିରୀକ୍ଷଣ, ନିରବଚ୍ଛିନ୍ନ ଯୋଗାଣ ପରିଚାଳନା ଏବଂ ଟିପିସିଓଡିଏଲ୍‌ର ସମଗ୍ର ନେଟୱର୍କରେ ବିଦ୍ୟୁତ୍ ବିଭ୍ରାଟର ଦ୍ରୁତ ସମାଧାନ ସୁନିଶ୍ଚିତ କରାଯାଇପାରୁଛି।ପ୍ରଯୁକ୍ତିରେ ହୋଇଥିବା ଏହି ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ କମିଟିର ଅଧ୍ୟକ୍ଷ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, 'ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ରରେ ମୂତୟନ କରାଯାଇଥିବା ଅତ୍ୟାଧୁନିକ ବ୍ୟବସ୍ଥା ବାସ୍ତବରେ ପ୍ରଶଂସାଯୋଗ୍ୟ। ବାତ୍ୟା ଓ ଉଗ୍ରବାଦ ଭଳି ଜରୁରୀକାଳୀନ ଓ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବାକୁ ଏହି କେନ୍ଦ୍ରରେ ଉତ୍ତମ ବ୍ୟବସ୍ଥା ରହିଛି।''ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କମିଟିର ପରିଦର୍ଶନ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇ କହିଛନ୍ତି ଯେ, 'ଷ୍ଟାଣ୍ଡିଂ କମିଟିର ସମସ୍ତ ମାନ୍ୟବର ସଦସ୍ୟଙ୍କୁ ଆମନ୍ତ୍ରଣ କରି ଏବଂ ସେମାନଙ୍କ ସାମ୍ନାରେ ଓଡ଼ିଶା ବିଦ୍ୟୁତ୍ ବଂଟନ କ୍ଷେତ୍ରରେ ଜାରି ରହିଥିବା ରୂପାନ୍ତରଣକୁ ପ୍ରଦର୍ଶନ କରି ଆମେ ଗର୍ବିତ।

## ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ସ୍କାଉଟସ୍ ଏବଂ ଗାଇଡସ୍‌ଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ



ଭୁବନେଶ୍ୱର,(ପି.ଏନ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ରାଜ୍ୟ ପୁରସ୍କାର ଉତ୍ସବ ତା୯।୦୫।୨୦୨୫ରିଖ ୧୧.୦୦ ଘ । ସମୟରେ ରାଜଭବନର ନୂଆ ଅଭିଷେକ ହଲ ପରିସରରେ ଏକ ବର୍ଣ୍ଣାଢ଼୍ୟପୂର୍ଣ୍ଣ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୯୫୦ଜଣ ସ୍କାଉଟ୍, ଗାଇଡ୍, ରୋଭର, ରେଞ୍ଜର, କବ୍, ବୁଲ୍‌ବୁଲ୍, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର ସମସ୍ତ ଶିକ୍ଷା ପଦାଧିକାରୀ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ।
ଉକ୍ତ ସମାରୋହ ଆରମ୍ଭରେ ଭାରତର ସୈନ୍ୟବାହିନୀ ପ୍ରତି ସମ୍ମାନ ପ୍ରଦାନ କରାଯାଇଥିଲା। ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ମାନ୍ୟବର ରାଜ୍ୟପାଳ ଡଃ. ହରିବାବୁ କମ୍ଭମପାଟି ମହୋଦୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ମାନ୍ୟବର ରାଜ୍ୟପାଳଙ୍କ ପତ୍ନୀ ତଥା ଓଡିଶା ରାଜ୍ୟର ପ୍ରଥମ ଗାଇଡ୍ ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି, ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସ୍ୱାଗତ ଭାଷଣରେ ରାଜ୍ୟ ଶାଖା ଆନୁକୂଲ୍ୟରେ ବିଗତ ବର୍ଷରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ବିଭିନ୍ନ ସେବା ତଥା ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ ଦ୍ୱାରା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କର୍ଷତା ବଜାୟ ରଖିଥିବା ବିଷୟରେ ରାଜ୍ୟପାଳ ମହୋଦୟଙ୍କୁ ଅବଗତ କରାଇଥିଲେ। ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜେ ଜଣେ ସ୍କାଉଟ ହୋଇ ଆଜି ସମାରୋହରେ ପିଲାଙ୍କ ଶୃଙ୍ଖଳା ଦେଖି ଖୁସିବ୍ୟକ୍ତ କରିଥିଲେ ଏବଂ ସମସ୍ତେ ଏକାଗ୍ରତା ରଖି କାର୍ଯ୍ୟ କଲେ ଖୁବ୍ ଶୀଘ୍ର ବିକଶିତ ଓଡିଶା ଗଢ଼ି ହୋଇଯିବ ବୋଲି ବକ୍ତବ୍ୟରେ କହିଥିଲେ। ମାନ୍ୟବର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍କାଉଟ ଗାଇଡ୍ ଶିକ୍ଷା ବିଭାଗର ଏକ ଅଂଶ ଏବଂ ବଳିଷ୍ଠ ନେତୃତ୍ୱ ଲାଗି ଆଜି ବିଶ୍ୱରେ ପରିଚୟ ସୃଷ୍ଟି କରିପାରିଥିବାରୁ ଖୁସି ବ୍ୟକ୍ତ କରିବା ସହ ଶୃଙ୍ଖଳା ଜ୍ଞାନ, ସହଯୋଗ ମନୋବୃ ି କୁଶଳି ଏବଂ ସୁସ୍ଥ ନାଗରିକ ଗଢ଼ି ତୋଳିବାରେ ସ୍କାଉଟ ସଂଗଠନର ଭୂମିକା ଅନେକ ବୋଲି କହିଥିଲେ। ମାନ୍ୟବର ରାଜ୍ୟପାଳ, ଭାରତ ସ୍କାଉଟସ୍ ଓ ଗାଇଡସ୍ ଭଳି ଏକ ବୃହତ ସ୍ୱେଚ୍ଛାସେବୀ ସଂଗଠନ ଅତୀତରେ ବହୁ ସେବାମୂଳକ କାର୍ଯ୍ୟନିର୍ବାହ କରି ପୃଥିବୀରେ ସର୍ବବୃହତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୂପେ ନିଜର ସ୍ଥିତି ବଜାୟ ରଖି ପାରିଛି, ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତଥା ଦୁର୍ଘଟଣା ସମୟରେ ଲୋକଙ୍କ ପାଖରେ ପହ ି ଆବଶ୍ୟକୀୟ ସେବା ଯୋଗାଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛି ଆଉ ଭବିଷ୍ୟତରେ ନିଶ୍ଚିତ ଭାବେ ଏହାକୁ ଅତୁଟ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ। ସ୍କାଉଟ ସଂଗଠନର କାର୍ଯ୍ୟକୁ ବ୍ୟାପକ କରିବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ହେତୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିଙ୍କୁ ମାନ୍ୟବର ରାଜ୍ୟପାଳ ସମ୍ମାନ ପତ୍ର ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲା ସ୍କାଉଟ ଗାଇଡ୍ ସମାବେଶ ପାଇଁ ଏବଂ ସ୍କାଉଟ ଗାଇଡ୍‌ରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଏବଂ ସ୍କାଉଟ ମାଷ୍ଟର, ଗାଇଡ୍‌କ୍ୟାପଟେନ୍ ମାନଙ୍କୁ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାଜ୍ୟ ସଂସ୍ଥାର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ସମସ୍ତ ପୁରସ୍କୃତ ପ୍ରତିଭା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray